ବର୍ଷ-୨୫, ସଂଖ୍ୟା-୨୭୮
ଭୁବନେଶ୍ୱର
୧୯, ଅକ୍ଟୋବର, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 278
Bhubaneswar
19, October, 2025 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ଲକ୍ଷ୍ମୀସାଗରରୁ ସେକ୍ସ ର୍ୟାକେଟ ଠାବ

ଭୁବନେଶ୍ୱର,୧୮।୧୦ (ମହାଭାରତ): ରାଜଧାନୀ ଭୁବନେଶ୍ୱରରେ ଝାଡ଼ଖଣ୍ଡର ଜଣେ ନାବାଳିକାଙ୍କୁ ଗଣଦୁଷ୍କର୍ମ ମାମଲାରେ କମିସନରେଟ ପୋଲିସ ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ରାଣୀ ମହୁମାଛିଙ୍କ ସମେତ ୨ ଜଣ ଦଲାଲ ଓ ଘର ମାଲିକ ସାମିଲ ଥିବା



ଜଣାପଡ଼ିଛି। ଅଭିଯୁକ୍ତମାନେ ହେଲେ ମଞ୍ଜୁ ସେଠୀ, ଘର ମାଲିକ ସଂଜୀବ ଦାସ ଓରଫ ବାପି, ଦଲାଲ ମମତା ସାହୁ ଓ ଅବିନାଶ ମୁଦୁଲି। ପୁଲିସ କମିସନର ସୁରେଶ ଦେବଦତ୍ତ ସିଂ ଗଣମାଧ୍ୟମକୁ କହିଛନ୍ତି ଝାଡ଼ଖଣ୍ଡର ନାବାଳିକା ଦୁଷ୍କର୍ମ ମାମଲାରେ ପୁଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ଅଭିଯୁକ୍ତଙ୍କ ତାଲିକାରେ ରାଣୀ ମହୁମାଛି ସମେତ ୨ ଜଣ ଦଲାଲ ଓ ଘର ମାଲିକ ସାମିଲ ଅଛନ୍ତି। ଦେହଜୀବୀ ମଞ୍ଜୁ ସେଠୀ ନାବାଳିକାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଛାଡି ଦେଇ ଚାଲିଯାଇଥିଲା। ହସ୍ପିଟାଲରେ ନାବାଳିକାଙ୍କୁ ଛାଡି ଥିବା ଯେଉଁ ବ୍ୟକ୍ତିଙ୍କ ଫୋନ୍ ନମ୍ବର ଥିଲା ସେହି ନମ୍ବରରେ ପୁଲିସ୍ ଧରିବା ପରେ ସବୁ କିଛି ସତ ସାମ୍ନାକୁ ଆସିଥିଲା। ତେବେ ପୀଡ଼ିତାଙ୍କୁ ପଚରାଉଚରା ସହ ଯେଉଁ ବ୍ୟକ୍ତିମାନଙ୍କୁ ପୁଲିସ୍ ଗିରଫ କରିଥିଲା ସେମାନଙ୍କୁ ଚିହ୍ନଟ କରିଥିଲେ ପୀଡ଼ିତା। ଲକ୍ଷ୍ମୀ ସାଗର ଥାନା ଅଞ୍ଚଳରୁ ତିନି ଜଣ ଯୁବତୀଙ୍କୁ ଉଦ୍ଧାର କରିବା ସହ ଦେହଜୀବୀ ମଞ୍ଜୁ ସେଠୀ, ମମତା ସାହୁ, ବାପି ଦାସ, ଅବିନାଶ ମୁଦୁଲିକୁ ଗିରଫ କରାଯାଇଛି। ବାପି ଓରଫ ସଞ୍ଜୀବ ଦାସ ଘର ମାଲିକଙ୍କ ସମେତ ଦଲାଲ ଅବିନାଶ ମୁଦୁଲିଙ୍କ ବିରୋଧରେ ପୋକ୍ସୋ ଆକ୍ଟ ଲଗାଇଛି ପୁଲିସ୍। ଝାରଖଣ୍ଡ ପୁଲିସ ସହ ଯୋଗାଯୋଗ କରାଯାଇଛି। ଗତକାଲି ବିଳମ୍ବିତ ରାତିରେ ଝାଡ଼ଖଣ୍ଡର ନାବାଳିକା ଅଶୋକ ନଗର ଅଞ୍ଚଳ ରାସ୍ତାକଡ଼ରେ ଦରମଲା ଅବସ୍ଥାରେ ପଡ଼ିଥିଲେ। କିଛି ଲୋକ ମାନସିକ ବିକୃତ ଭାବି ଅଣଦେଖା କରିଥିଲେ। ରାତି ଯେତେ ବଢ଼ିଥିଲା ନାବାଳିକା ଯନ୍ତ୍ରଣାରେ ଅଧିକ ଛଟପଟ ହେଉଥିଲେ। କିଛି ଅଟୋ ଚାଳକ ଘଟଣାସ୍ଥଳକୁ ଯାଇ ଦେଖିଥିଲେ ନାବାଳିକାର ଦେହର ବିଭିନ୍ନ ସ୍ଥାନ କ୍ଷତାକ୍ତ ହୋଇଛି। ପିନ୍ଧିଥିବା ପୋଷାକ ଚିରା ହୋଇଛି। ଏହା ଦେଖି ସେମାନେ ପୁଲିସକୁ ଫୋନ୍ କରିଥିଲେ।

## ସାଇବର ଅପରାଧ ରୋକିବାକୁ ପଦକ୍ଷେପ ନିଅ

ଭୁବନେଶ୍ୱର,୧୮।୧୦ (ମହାଭାରତ): ସମାଜ ପାଇଁ ଆଜି ବଡ ଚ୍ୟାଲେଞ୍ଜ ହୋଇଥିବା ସାଇବର ଅପରାଧକୁ ରୋକିବା ପାଇଁ ସଚେତନତା ହେଉଛି ସବୁଠାରୁ ବଡ ଶକ୍ତିଶାଳୀ ଅସ୍ତ୍ର ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାଇବର ସୁରକ୍ଷା ସଚେତନତା ଅଭିଯାନ ୨୦୨୫ର ଶୁଭାରମ୍ଭ ଅବସରରେ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଏହି ଅଭିଯାନରେ ଏକ ମାସବ୍ୟାପୀ ନୂଆପଡା ଜିଲ୍ଲା ବ୍ୟତୀତ ଅନ୍ୟ ସମସ୍ତ ଜିଲ୍ଲା ଗୁଡିକରେ ସଚେତନତା ରଥ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ଜନସାଧାରଣଙ୍କୁ ସାଇବର ସୁରକ୍ଷା ସମ୍ପର୍କିତ ସଚେତନ କରାଯିବ । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ଏହି ରାଜ୍ୟ ସ୍ତରୀୟ ସଚେତନତା ଅଭିଯାନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦେଶର ପ୍ରାୟ ୮୨ କୋଟି ଲୋକ ଅର୍ଥାତ ୫୫ ପ୍ରତିଶତ ଲୋକ ଆଜି ଇଣ୍ଟରନେଟ୍ ବ୍ୟବହାର କରୁଛନ୍ତି। ବିଶ୍ୱରେ ଇଣ୍ଟରନେଟ୍ ବ୍ୟବହାର କ୍ଷେତ୍ରରେ ଭାରତର ସ୍ଥାନ ଦ୍ୱିତୀୟ ରହିଛି। ଆମ ଦୈନନ୍ଦିନ ଜୀବନରେ ଆମେ ସମସ୍ତେ ଡିଜିଟାଲ୍ ବ୍ୟବସ୍ଥା ସହିତ ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ ହୋଇଯାଇଛୁ। ଇଣ୍ଟରନେଟ୍ ଓ ଟେକ୍ନୋଲୋଜି ଆମ ପାଇଁ ଅପରିହାର୍ଯ୍ୟ ହୋଇପଡିଛି।




ଆଜି ଇଣ୍ଟରନେଟ୍ ବ୍ୟବହାରୀକାରୀଙ୍କୁ ସାଇବର ଅପରାଧ, ଅନଲାଇନ ଠକେଇ ଭଳି ଅପରାଧର ଶୀକାର ହେବାକୁ ପଡୁଛି। ଏହି ଅପରାଧକୁ ରୋକିବା ପାଇଁ ଆମ ସରକାର ସବୁବେଳେ ଗୁରୁତ୍ୱ ଦେଉଛନ୍ତି ଏବଂ ଏଥିପାଇଁ ଆମ ସରକାର ସାଇବର ପୋଲିସଙ୍କୁ ଶକ୍ତିଶାଳୀ କରିବା, ସଚେତନତା ବୃଦ୍ଧି କରିବା ଓ ସୁରକ୍ଷିତ ଡିଜିଟାଲ ପରିବେଶ ଗଠନ କରିବା ଭଳି ପଦକ୍ଷେପମାନ ଗ୍ରହଣ କରିଛନ୍ତି।

ସାଇବର ଅପରାଧ ରୋକିବା କ୍ଷେତ୍ରରେ ଓଡିଶା ପୋଲିସକୁ ପ୍ରଶଂସାକରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନ୍ୟାସନାଲ ସାଇବର କ୍ରାଇମ ରିପୋର୍ଟିଂ ପୋର୍ଟାଲ ଏବଂ ସାଇବର ହେଲ୍ପଲାଇନ୍ ୧୯୩୦ ମାଧ୍ୟମରେ ହଜାର ହଜାର ଅଭିଯୋଗକାରୀଙ୍କୁ ସଠିକ୍ ସମୟରେ ସହାୟତା ପ୍ରଦାନ କରାଯାଇଛି । ସାଇବର ଅପରାଧକୁ ପ୍ରତିରୋଧ କରିବା ପାଇଁ ରାଜ୍ୟରେ ଖୁବଶୀଘ୍ର ଆଉ ୨୦ଟି ନୂତନ ସାଇବର ଅପରାଧ ପୋଲିସ୍ ଷ୍ଟେସନ କାର୍ଯ୍ୟକ୍ଷମ ହେବ । ଏହା ସହ ପୂର୍ବରୁ ଥିବା ୧୪ଟି ସାଇବର ପୋଲିସ୍ ଷ୍ଟେସନର ଆଧୁନିକୀକରଣ ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି । ଏ କ୍ଷେତ୍ର ପାଇଁ ୧୧୨୭ଟି ନୂତନ ପୋଲିସ ପଦବୀ ସହିତ ୧୭୦ ଟେକ୍ନିକାଲ ଏକ୍ସପର୍ଟଙ୍କୁ ଖୁବଶୀଘ୍ର ନିଯୁକ୍ତି ଦିଆଯିବ । ଏଥି ସହିତ କ୍ରାଇମବ୍ରାଞ୍ଚ ଅଧୀନରେ ଏକ ରାଜ୍ୟସ୍ତରୀୟ କମାଣ୍ଡ ସେଣ୍ଟର ଗଠନ କରାଯିବ ଏବଂ ଏହି ସେଣ୍ଟରଟି ସାଇବର ଅପରାଧ ରୋକିବା କ୍ଷେତ୍ରରେ ସେଣ୍ଟର ଅଫ୍ ଏକ୍ସେଲେନ୍ସ ଭାବରେ କାର୍ଯ୍ୟ କରିବ।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ସରକାରଙ୍କ ପକ୍ଷରୁ ଏଥିପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି । କିନ୍ତୁ, ଅଧିକାଂଶ ସାଇବର ଠକାମୀର ପ୍ରମୁଖ କାରଣ ହେଉଛି ସଚେତନତାର ଅଭାବ। ଏଥିପାଇଁ ଅନଲାଇନ, ଡିଜିଟାଲ ଓ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କୁ ସତର୍କ ରହିବାକୁ ପଡିବ, ସଚେତନ ହେବାକୁ ପଡିବ । ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଓଡିଶା ପୋଲିସ ପକ୍ଷରୁ ଆଜିଠାରୁ ଏହି ସଚେତନତା ଅଭିଯାନ ଆରମ୍ଭ କରାଯାଇଛି। ସାଇବର ଠକେଇର ବିଭିନ୍ନ ଦିଗ ଉପରେ ଲୋକଙ୍କୁ ସଚେତନ କରାଯିବ । ସେଥିପାଇଁ ଏହି ଅଭିଯାନରେ ସମସ୍ତେ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଥିଲେ।

ମୁଖ୍ୟମନ୍ତ୍ରୀ ଇଣ୍ଟରନେଟ୍ ଜରିଆରେ ଝିଅ ମାନଙ୍କୁ ବ୍ଲାକମେଲିଙ୍ଗ ଓ ମାନସିକ ନିର୍ଯ୍ୟାତନା ଉପରେ କ୍ଷୋଭ ପ୍ରକାଶ କରି ଓଡିଶା ପୋଲିସକୁ ଏହି ମାନସିକତା ରଖୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପଦକ୍ଷେପ ନନେଲେ ସମ୍ପୃକ୍ତ ପୋଲିସଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ମୁଖ୍ୟମନ୍ତ୍ରୀ ଏହି ଅବସରରେ ୧୬ଟି ସଚେତନତା ରଥକୁ ପତକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ରଥ ଗୁଡିକ ନୂଆପଡା ଜିଲ୍ଲାକୁ ଛାଡି ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାରେ ଏକ ମାସ ଧରି ଲୋକଙ୍କୁ ସଚେତନ କରାଇବ।

କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା ଓଡିଶା ପୋଲିସକୁ ଏହି ସଚେତନତା ମୂଳକ କାର୍ଯ୍ୟକ୍ରମ ପାଇଁ ଧନ୍ୟବାଦ ଦେଇ କହିଥିଲେ ଯେ, ସାଇବର ସୁରକ୍ଷା ବିଷୟରେ ସମସ୍ତେ ସଚେତନ ହେବା ଅତ୍ୟନ୍ତ ଜରୁରୀ । ଏହି ସଚେତନତା କାର୍ଯ୍ୟକ୍ରମ କେବଳ ଗୋଟିଏ ବିଭାଗର କାର୍ଯ୍ୟକ୍ରମରେ ସୀମିତ ନରଖି ଏହି ଆଭିମୁଖ୍ୟକୁ ସମସ୍ତେ ଆପଣେଇବା ଉଚିତ।

ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ୱାଇ.ବି ଖୁରାନିଆ କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତ କରି ସାଇବର ଅପରାଧ କ୍ଷେତ୍ରରେ ଓଡିଶା ପୋଲିସ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଓ ସଫଳତା ବିଷୟରେ ଉଲ୍ଲେଖ କରିଥିଲେ । କ୍ରାଇମବ୍ରାଞ୍ଚ ମହାନିର୍ଦ୍ଦେଶକ ଶ୍ରୀ ବିନୟତୋଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ୟାଙ୍କରମାନେ ସହାନୁଭୂତିଶୀଳ ହେବାକୁ ରାଜ୍ୟପାଳଙ୍କ ଆହ୍ୱାନ

ଭୁବନେଶ୍ୱର,୧୮।୧୦ (ମହାଭାରତ): ବ୍ୟାଙ୍କରମାନେ ସହାନୁଭୂତିଶୀଳ ହୋଇ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ବହୁଳ ସଂଖ୍ୟାରେ ଅନ୍ତର୍ଭୁକ୍ତ କରାନ୍ତୁ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ରାଜଭବନର ନିଉ ଅଭିଷେକ ହଲଠାରେ ରାଜ୍ୟରେ ବ୍ୟାଙ୍କରମାନଙ୍କର କାର୍ଯ୍ୟାବଳୀ ସମୀକ୍ଷା କରିବା ଅବସରରେ ରାଜ୍ୟପାଳ ଏହା କହିବା ସହିତ ହିତାଧିକାରୀଙ୍କ ଜୀବନ ଜୀବିକାର ଉନ୍ନତି ପାଇଁ ଲୋକାଭିମୁଖୀ ଯୋଜନା ଗୁଡ଼ିକୁ ସକ୍ରିୟ ଭାବରେ ପ୍ରୋତ୍ସାହିତ କରିବାକୁ ଆହ୍ୱାନ ଜଣାଇଛନ୍ତି।



ବ୍ୟାଙ୍କ- ଲିଙ୍କଡ୍ ଜୀବିକା ଯୋଜନା ପ୍ରସଙ୍ଗ, ଦେଖାଯାଉଥିବା ଆହ୍ୱାନ ଏବଂ ସଫଳତା ଉପରେ ସମୀକ୍ଷାକରି ରାଜ୍ୟପାଳ କହିଥିଲେ ଯେ ବ୍ୟାଙ୍କରମାନେ କେବଳ କାରବାର ଉପରେ ଧ୍ୟାନ ଦେବା ଉଚିତ ନୁହେଁ ବରଂ ସରକାରୀ କଲ୍ୟାଣକାରୀ ପଦକ୍ଷେପର ସାମାଜିକ ପ୍ରଭାବକୁ ବୁଝିବା ଉଚିତ। ରାଜ୍ୟର ଅଭିବୃଦ୍ଧି ହାର ୭% ରହିଛି ଏବଂ ୯% ରେ ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି। ଏହାକୁ ହାସଲ କରିବାରେ ବ୍ୟାଙ୍କରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏକ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନରେ ବ୍ୟାଙ୍କରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଜ୍ୟପାଳ କହିଛନ୍ତି।

ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ଭଳି କଲ୍ୟାଣକାରୀ ଯୋଜନା ଅଧୀନରେ ହିତାଧିକାରୀଙ୍କ ସଂଖ୍ୟା କମ୍ ଥିବାରୁ ରାଜ୍ୟପାଳ କ୍ଷୋଭ ପ୍ରକାଶ କରିଥିଲେ। ଅନେକ ବ୍ୟାଙ୍କର ଗ୍ରାହକ/ ହିତାଧିକାରୀଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ସ୍ଥାପନ କରିବାରେ କିମ୍ବା ଏପରି ଯୋଜନାରେ ମିଳୁଥିବା ଲାଭ ବିଷୟରେ ବୁଝାଇବାରେ ଉପଯୁକ୍ତ ପଦକ୍ଷେପ ନେଉନାହାନ୍ତି। ଏଣୁ ଏ ଦିଗରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବାକୁ ରାଜ୍ୟପାଳ କହିଥିଲେ। ବ୍ୟାଙ୍କଗୁଡ଼ିକୁ ସାର୍ବଜନୀନ କଭରେଜ୍ ପାଇଁ ଲକ୍ଷ୍ୟ ରଖିବାକୁ ଏବଂ ଏହି ଯୋଜନାମାନଙ୍କରେ ଅତି କମରେ ୮୦ ଶତକଡ଼ା ସଞ୍ଚୟ ଖାତାଧାରକଙ୍କୁ ଅନ୍ତର୍ଭୁକ୍ତ କରିବା ନିଶ୍ଚିତ କରିବାକୁ ରାଜ୍ୟପାଳ କହିଛନ୍ତି। ରାଜ୍ୟପାଳ ପରାମର୍ଶ ଦେଇଛନ୍ତି ଯେ ବ୍ୟାଙ୍କଗୁଡ଼ିକ ସରକାରୀ ଯୋଜନାର ଲାଭ ବୁଝାଇ ଗ୍ରାହକମାନଙ୍କୁ ଅବଗତ କରାଇବେ ଏବଂ କେତେ ଗ୍ରାହକ ବାଦ୍ ପଡିଛନ୍ତି ତାହା ଯାଞ୍ଚ କରିବେ।

ଶିକ୍ଷା ଋଣକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ଉପରେ ରାଜ୍ୟପାଳ ଆଲୋକପାତ କରି ପ୍ରଧାନମନ୍ତ୍ରୀ ବିଦ୍ୟା ଲକ୍ଷ୍ମୀ ଯୋଜନା ବିଷୟରେ ଉଲ୍ଲେଖ କରି ବ୍ୟାଙ୍କଗୁଡ଼ିକ ଜାତୀୟସ୍ତରୀୟ ପ୍ରତିଷ୍ଠାନରେ ଆଡ଼ମିଶନ କରୁଥିବା ଛାତ୍ରଛାତ୍ରୀଙ୍କୁ ବିନା ବାଧାରେ ଋଣ ପ୍ରଦାନ କରିବା ଉଚିତ ବୋଲି କହିଛନ୍ତି। ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା ବିଷୟରେ ରାଜ୍ୟପାଳ ଉଲ୍ଲେଖ କରି କହିଥିଲେ ଯେ ବ୍ୟାଙ୍କଗୁଡ଼ିକ ପ୍ରାୟତଃ ନୂତନ ଉଦ୍ୟୋଗୀମାନଙ୍କ ଅପେକ୍ଷା ଅଭିଜ୍ଞ ଋଣଗ୍ରହୀତାକୁ ପସନ୍ଦ କରନ୍ତି। ଆର୍ଥିକ କାର୍ଯ୍ୟକଳାପ କରୁଥିବା ଯେକୌଣସି ବ୍ୟକ୍ତି ମୁଦ୍ରା ଋଣ ପାଇଁ ଯୋଗ୍ୟ। ଜଣେ ନୂତନ ଆବେଦନକାରୀଙ୍କୁ ଆର୍ଥିକ ସହାୟତାଦେଇ ବ୍ୟାଙ୍କମାନେ ଏକ ପରିବାରକୁ ସମର୍ଥନ କରିବା ସହିତ ଅନ୍ୟମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି କରିବାକୁ ରାଜ୍ୟପାଳ କହିଥିଲେ। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ବିଷୟରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ କିଛି ଚାଷୀ ସବସିଡି ପାଇବା ପାଇଁ ସେମାନଙ୍କର ଅଂଶଧନ ପାଣ୍ଠି ଦେବାରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ସେମାନଙ୍କୁ ଚଗଗଣ ସହିତ ସଂଯୋଗ କରିବା ଦ୍ୱାରା ସେମାନେ ସେମାନଙ୍କର ଉଦ୍ୟୋଗ ଆରମ୍ଭ କିମ୍ବା ବିସ୍ତାର କରିବାରେ ସମର୍ଥ ହେବେୟ ଯୋଗ୍ୟ ଆବେଦନକାରୀଙ୍କ ମଧ୍ୟରୁ ୧୦୦% ଆର୍ଥିକ ସହାୟତା ପାଇବା ଉଚିତ ବୋଲି ରାଜ୍ୟପାଳ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ସାଂସଦ ବିଭୁ ପ୍ରସାଦ ତରାଇ, ଉନ୍ନୟନ କମିଶନର-ତଥା-ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମତ୍ସ୍ୟ ଏବଂ ପଶୁ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଟ. କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢୀ, ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ରାଜ୍ୟପାଳଙ୍କ କମିଶନର-ତଥା - ଶାସନ ସଚିବ ରୂପା ରୋଶନ ସାହୁ, ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ସାରଦା ପ୍ରସାଦ ମହାନ୍ତି ଉପସ୍ଥିତଥିଲେ।

## ବିଜେପି ଓ କଂଗ୍ରେସଙ୍କ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

ଭୁବନେଶ୍ୱର,୧୮।୧୦ (ମହାଭାରତ): ନଭେମ୍ବର ୧୧ ତାରିଖରେ ହେବାକୁ ଥିବା ନୂଆପଡ଼ା ବିଧାନସଭାରେ ଉପନିର୍ବାଚନ ପାଇଁ ଶନିବାର ସୁଦ୍ଧା ୫ ଜଣ ପ୍ରାର୍ଥୀ ୭ଟି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଗତକାଲି ସ୍ୱାଧୀନ ପ୍ରାର୍ଥୀ ଆଶ୍ରୟ ମହାନନ୍ଦ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଆଜି ଆଉ ୪ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ଶୁକଦେବ ଦଣ୍ଡସେନା (ଓଡିଶା ଜନତା ଦଳ), ପୁରୁଷୋତ୍ତମ ବେହେରା (ସ୍ୱାଧୀନ), ଘାସିରାମ ମାଝୀ (ଜାତୀୟ କଂଗ୍ରେସ) ଏବଂ ଜୟ ଢୋଲକିଆ (ଭାରତୀୟ ଜନତା ପାର୍ଟି)।

ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ତଥା ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ମା'ଙ୍କଠାରୁ ଆଶ୍ରୀର୍ବାଦ ନେଇ ଖରିଆର ରୋଡସ୍ଥିତ ବାସଭବନରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ନୂଆପଡ଼ାସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥଲେ। ଏଥିପାଇଁ ଖରିଆରରୁ ନୂଆପଡା ପର୍ଯ୍ୟନ୍ତ ରାସ୍ତାଘାଟ ସମ୍ପୂର୍ଣ୍ଣ ଲୋକାରଣ୍ୟ ହୋଇଯାଇଥିଲା। ଶହଶହ ସଂଖ୍ୟାରେ ଗାଡି ଓ ହଜାର ହଜାର ସଂଖ୍ୟାରେ ସମର୍ଥକ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ନୂଆପଡା କାର୍ଯ୍ୟାଳୟରେ ପଣ୍ଡିତ ଦିନଦୟାଲ ଉପାଧ୍ୟାୟ ଏବଂ ଡା. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଆଶୀର୍ବାଦ ନେଇ ଜୟ ଢୋଲକିଆ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବିଶାଳ ଶୋଭାଯାତ୍ରାରେ ଯାଇ ନିର୍ବାଚନ ଅଧିକାରୀଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି।

ଆଜି କଂଗ୍ରେସ ବିଧାୟକ ପାର୍ଥୀ ଘାସିରାମ ମାଝି ନାମାଙ୍କନ ଦାଖଲ କରିଛନ୍ତି। ଏହି ଅବସରରେ ନୂଆପଡ଼ାର ଖୁଣ୍ଟିଆ ଭବନ ଠାରେ ନୂଆପଡ଼ା ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗ ଦେଇ କହିଥିଲେ କି ଓଡ଼ିଶା ରାଜ୍ୟ ଆଗାମୀ ଦିନରେ ଗାନ୍ଧୀ ପଥେ ଚାଲିବ।

## ୨୧ରେ ଲଘୁଚାପ

ଭୁବନେଶ୍ୱର,୧୮।୧୦ (ମହାଭାରତ): ମୌସୁମୀ ବିଦାୟ ନେଇଛି। କିନ୍ତୁ ଅକ୍ଟୋବର ମାସର ପୁଣିଥରେ ଘାରିଛି ବାତ୍ୟା ଭୟ। ଆମେରିକାର ଜିଏଫଏସ ମଡେଲର ଆକଳନ ଅନୁଯାୟୀ, ଅକ୍ଟୋବର ଶେଷ ସୁଦ୍ଧା ଦୁଇ ଦୁଇଟି ବାତ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି। ଯଦିଓ ଏନେଇ ଚିତ୍ର ଏବେ କିଛି ସ୍ପଷ୍ଟ ହୋଇନାହିଁ, କିନ୍ତୁ ଦିନ କେଇଟା ମଧ୍ୟରେ ବାତ୍ୟା ନେଇ ସ୍ପଷ୍ଟ ସୂଚନା ମିଳିବ। ତେବେ ଏହି ଖବର ପୁଣିଥରେ ୧୯୯୯ ଅକ୍ଟୋବର ମାସର ମହାପ୍ରଳୟକୁ ମନେପକାଇ ଦେଇଛି। ୧୯୯୯ ମସିହା ଅକ୍ଟୋବର ମାସ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିଲା ଦୁଇଟି ଶକ୍ତିଶାଳୀ ବାତ୍ୟା। ଗୋଟିଏ ଅକ୍ଟୋବର ୧୭ରେ ଗଞ୍ଜାମ ଜିଲ୍ଲାର ଗୋପାଳପୁର ଠାରେ ସ୍ଥଳଭାଗ ଛୁଇଁ ଥିଲା। ଅନ୍ୟଟି ଅକ୍ଟୋବର ୨୯ରେ ଜଗତସିଂହପୁର ଜିଲ୍ଲାର ଏରସମା ଅଞ୍ଚଳରେ ସ୍ଥଳଭାଗ ଛୁଇଁବା ପରେ ରଚିଥିଲା ପ୍ରଳୟ। ଅନ୍ୟପଟେ ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ, ଆସନ୍ତା ୨୧ ତାରିଖରେ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା କ୍ରମେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରିବ। ୨୩ ତାରିଖ ସକାଳ ସୁଦ୍ଧା ଦକ୍ଷିଣ-ବଙ୍ଗୋପସାଗର ଏବଂ ନିକଟସ୍ଥ କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତରେ ପରିଣତ ହେବ। ତାହା କ୍ରମଶଃ ତାମିଲନାଡୁ, ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ର ଆଡକୁ ମୁହାଁଇବ। ଯାହା ପ୍ରଭାବରେ ୨୧ ତାରିଖରୁ ୨୩ ପର୍ଯ୍ୟନ୍ତ ଘଣ୍ଟା ପ୍ରତି ୩୦ରୁ ୫୫ କିଲୋମିଟର ବେଗରେ ପବନ ବହିବ। କୌଣସି ଜିଏଫଏକ୍ସ ମଡେଲକୁ ଅନୁସରଣ ନକରି ଆଇଏମଡ଼ି ପୂର୍ବାନୁମାନକୁ ଅନୁକରଣ କରିବାକୁ କହିଛନ୍ତି ଆଇଏମଡ଼ି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର।

## ରାଜସ୍ୱ ଆଇନ୍‌ରେ ସଂଶୋଧନ ଓ ସଂସ୍କାର ଜରୁରୀ

ଭୁବନେଶ୍ୱର,୧୮।୧୦ (ମହାଭାରତ): ରାଜସ୍ୱ ସେବାକୁ ସହଜ ଓ ଲୋକାଭିମୁଖୀ କରିବା ସହ ଉପଯୁକ୍ତ ସମୟରେ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ରାଜସ୍ୱ ଅଧିକାରୀ ମାନେ ଅଗ୍ରାଧିକାର ଦେବା ଉଚିତ। ଏବେ ରାଜସ୍ୱ ଆଇନରେ ସଂଶୋଧନ ଓ ସଂସ୍କାର ଆଣିବା ଜରୁରୀ ହୋଇ ପଡିଛି। ସରକାର ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି। ରାଜସ୍ୱ ସେବା ସଠିକ ଭାବରେ ଓ ନିର୍ଦ୍ଧିଷ୍ଟ ସମୟ ସୀମା ମଧ୍ୟରେ ଲୋକମାନଙ୍କ ନିକଟରେ ପହଞ୍ଚାଇଦେବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରାଜସ୍ୱ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଭୁବନେଶ୍ୱରର ଗୋଠପାଟଣା ସ୍ଥିତ ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ଅନୁଷ୍ଠାନ (ରୋଟି) ଠାରେ ଆୟୋଜିତ ଦୁଇ ଦିନିଆ କେନ୍ଦ୍ରାଞ୍ଚଳ ରାଜସ୍ୱ ସମ୍ମିଳନୀ କୁ ଉଦଘାଟନ କରିବା ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଲେ ଯେ, ରାଜସ୍ୱ ଆଇନକୁ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ସରଳ କରିବା ଦରକାର। ଆଧୁନିକ ବୈଷୟିକ ଜ୍ଞାନର ଉପଯୋଗ କରି ରାଜସ୍ୱ ସେବାକୁ ଆହୁରି କ୍ରିୟାଶୀଳ କରାଯାଇପାରିବ। ରାଜସ୍ୱ ଅଧିକାରୀମାନେ ଜନସାଧାରଣଙ୍କ ଜମି ଜମା ସମସ୍ୟାର ସମାଧାନର ବାଟ ଖୋଜିବାକୁ ପ୍ରୟାସ କରିବା ଦରକାର। ଏହା ଫଳରେ ସଠିକ ସେବା ମିଳିପାରିବ। ସରକାରୀ ସମ୍ପତ୍ତି ର ସୁରକ୍ଷା କରିବା ଓ ଜବରଦାଖଲ ମୁକ୍ତ କରିବା ରାଜସ୍ୱ ଅଧିକାରୀଙ୍କ ମୁଖ୍ୟ ଦାୟୀତ୍ୱ ହୋଇଥିବା ବେଳେ ସରକାରୀ ପ୍ରକଳ୍ପ ପାଇଁ ଆବଶ୍ୟକୀୟ ଜମି ଯୋଗାଇଦେବା ଉପରେ ମଧ୍ୟ ଗୁରୁତ୍ୱ ଦେବା ଉଚିତ। ତହସିଲଦାରମାନେ ନିଜ ଅଞ୍ଚଳର ଜମିଜମା ସ୍ଥିତି ସମ୍ପର୍କରେ ଏକ ଡାଟାବେସ ପ୍ରସ୍ତୁତ କରନ୍ତୁ। ଯଦିଓ ଆଜିର ଦିନରେ ରାଜସ୍ୱ ଅଧିକାରୀମାନଙ୍କ କାର୍ଯ୍ୟର ପରିସର ବୃଦ୍ଧି ପାଇଛି ତା ସତ୍ତ୍ୱେ ମଧ୍ୟ ଜନସାଧାରଣଙ୍କୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସେବା ଯୋଗାଇ ଦେବାକୁ ଚେଷ୍ଟା କରିବା ଦରକାର। ଫଳରେ ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡିଶା ଓ ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ସମ୍ଭବ ହୋଇପାରିବ।




ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ରୂପେ ଉପସ୍ଥିତ ରହି ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଓଡିଶା ରାଜସ୍ୱ ପର୍ଷଦର ସଦସ୍ୟ ଦେଓରଞ୍ଜନ କୁମାର ସିଂହ କହିଲେ ଯେ, ସରକାର ଜନସାଧାରଣଙ୍କ ହିତ ପାଇଁ ଯେଉଁ ରାଜସ୍ୱ ଆଇନ ପ୍ରଣୟନ କରିଛନ୍ତି ସେ ସବୁର ସଫଳ ରୂପାୟନ ରାଜସ୍ୱ ଅଧିକାରୀଙ୍କ ଦାୟୀତ୍ୱ। ଏ ଦିଗରେ ରାଜସ୍ୱ ଅଧିକାରୀମାନେ ଯତ୍ନବାନ ହେବା ଉଚିତ। ଫଳରେ ଜନସାଧାରଣ ରାଜସ୍ୱ ସେବାର ସଠିକ ସୁଫଳ ପାଇପାରିବେ।

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଶ୍ରୀମତୀ ଗୁହା ପୁନମ ତାପସ କୁମାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାଞ୍ଚଳର ୧୦ଟି ଜିଲ୍ଲାର ଜିଲ୍ଲାପାଳ ମାନେ ଆଭାସି ମାଧ୍ୟମରେ ଉକ୍ତ କାର୍ଯ୍ୟକ୍ରମରେ ଯୋଡି ହୋଇଥିବା ବେଳେ ୯ ଜଣ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ୧୬ ଜଣ ଉପଜିଲ୍ଲାପାଳ, ୧୧୨ ଜଣ ତହସିଲଦାର, ୧୦ ଜଣ ଜିଲ୍ଲା ନିବନ୍ଧକ, ୬୨ ଜଣ ସହକାରୀ ନିବନ୍ଧକ, ୪ ଜଣ ଜିଲ୍ଲା ମଙ୍ଗଳ ଅଧିକାରୀ ଯୋଗ ଦେଇଥିବା ବେଳେ ଏହି ଅବସରରେ ସ୍ୱାଗତ ଅଭିଭାଷଣ ଦେଇ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ କହିଲେ ଯେ ରାଜସ୍ୱ ପ୍ରଶାସନକୁ ଲୋକାଭିମୁଖୀ କରିବା ସହିତ ପ୍ରଚଳିତ ରାଜସ୍ୱ ଆଇନ ଓ ସରକାରଙ୍କ ନିର୍ଦ୍ଦେଶନାମା ଗୁଡିକୁ ପୁନଃ ଅବଲୋକନ କରି କାର୍ଯ୍ୟାନ୍ୱୟନ କରିବା ପାଇଁ ବିଭିନ୍ନ ବିଶେଷଜ୍ଞମାନଙ୍କୁ ଏହି ଆଲୋଚନାରେ ରାଜସ୍ୱ ପ୍ରଶାସନ ଓ ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହିତ ଉପସ୍ଥିତ ରାଜସ୍ୱ ଅଧିକାରୀ ମାନଙ୍କୁ ଏହି ସମ୍ପର୍କ ରେ ସଚେତନ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ। ଏହି ସମ୍ମିଳନୀ ଦୁଇଦିନ ଧରି ଅନୁଷ୍ଠିତ ହେଉଥିବା ବେଳେ ଏଥିରେ ରାଜସ୍ୱ ଆଇନ ସମ୍ବନ୍ଧିତ ବିଭିନ୍ନ ବିଷୟ ଉପରେ ଆଲୋଚନା ହେବ।

## ଅଣ୍ଡା ଚିକେନ ଫ୍ରାଏ

ସାମଗ୍ରୀ: ଚିକେନ ,ଅଣ୍ଡା , ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଅଦା ରସୁଣ ବଟା , ଲୁଣ , ଜିରା ଗୁଣ୍ଡ, ଧନିଆ ଗୁଣ୍ଡ , ଗୋଟା ଗରମ ମସଲା , ଜିରା , କଟା ଟମାଟୋ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକନେକୁ ଭଲ ଭାବେ ଧୋଇ ସେଥିରେ ଲଙ୍କା ଗୁଣ୍ଡ , ହଳଦୀ ଗୁଣ୍ଡ , ଅଦା – ରସୁଣ ବଟା ଓ ଲୁଣ ପକାନ୍ତୁ। ଏବେ ସେଥିରେ ଜିରା ଗୁଣ୍ଡ , ଧନିଆ ଗୁଣ୍ଡ ଓ ଅଣ୍ଡା ପକାଇ ମ୍ୟାରିନେଟ କରି ରଖନ୍ତୁ।

କିଛି ସମୟ ପରେ କଡ଼େଇରେ ତେଲ ଗରମ କରି ଗୋଟା ଗରମ ମସଲା , ଜିରା , କଟା ଟମାଟୋ, ଅଣ୍ଡା , ଲୁଣ ଓ ହଳଦୀ ପକାଇ ଭଲ ଭାବେ କଷନ୍ତୁ। ଅଣ୍ଡା ମସଲା କଷି ହୋଇଗଲେ ସେଥିରେ ମ୍ୟାରିନେଟ ହୋଇଥିବା ଚିକେନ ପକାଇ କଷନ୍ତୁ। ଏବେ ଅଳ୍ପ ପାଣିଦେଇ ଘୋଡ଼େଇ ଦିଅନ୍ତୁ। ଏବେ ଚିକନେ୍‌କୁ ସିଝିବାକୁ ଛାଡ଼ି ଦିଅନ୍ତୁ। ତେବେ କିଛି ସମୟ ଅନ୍ତରରେ ଘୋଡ଼ଣୀ କାଢି ଦେଖି ଥାଆନ୍ତୁ। ନ ହେଲେ ଚିକେନ ଲାଗି ଯାଇପାରେ। ଚିକେନ ସିଝି ଗଲା ପରେ ଓ ପାଣି ପୂରା ମରିଗଲା ପରେ ସେଥିରେ ଟମାଟୋ ସସ୍ , ଚିଲି ସସ୍ ପକାଇ ଆଉ ଅଳ୍ପ ସମୟ ଚୁଲିରେ ବସାନ୍ତୁ। ଏହାପରେ କଡ଼େଇକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଅଣ୍ଡା ଚିକେନ ଫ୍ରାଏ' ।



ଖବର

## ଦୀପକ-ଅନୁଭାଙ୍କ 'ଏଇ ବୋଧେ ଭଲ ପାଇବା'



ଓଲିଉଡର ଜଣାଶୁଣା ନାୟକ ଦୀପକ ଓ ନାୟିକା ଅନୁଭାଙ୍କ ଅଭିନୀତ 'ଏଇ ବୋଧେ ଭଲ ପାଇବା' ଖୁବ୍‌ଶୀଘ୍ର ମୁକ୍ତିଲାଭ କରିବ ବୋଲି ନିର୍ଦ୍ଦେଶକ ସୁଧାକର ବସନ୍ତ ସୂଚନା ଦେଇଛନ୍ତି ।ଏହାର ପୋଷ୍ଟ୍ ପ୍ରଡକ୍ସନ୍ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିରେ ଦୀପକ ଓ ଅନୁଭା ପ୍ରଥମଥର ଲାଗି ଏକାଠି ନଜର ଆସିବେ। ଉଭୟଙ୍କ ବ୍ୟତୀତ କୁନା ତ୍ରିପାଠୀ, ନନ୍ଦେନ୍ଦ୍ର ମଣି, ମଧୁ, ନମିତା, ପ୍ରତିଭା ପଣ୍ଡା ଓ ସରୋଜ ଦାସ ପ୍ରମୁଖ ମୁଖ୍ୟ ଭୂମିକାରେ ଅଛନ୍ତି । ରଂଜନକୁମାର ଦାସ ଏହାର କାହାଣୀ ରଚନା କରିଥିବା ବେଳେ ଡକ୍ଟର ରଜନୀରଂଜନ ଏହି ସିନେମାର ସଂଳାପ ଲେଖିଛନ୍ତି ।ଏହାର ପ୍ରଯୋଜକ ହେଲେ ସିଦ୍ଧାର୍ଥ ପାତ୍ର ଓ ଆଲେକଜାଣ୍ଡର୍ ଦାସ।

## ଆଲୋକର ପର୍ବ ହେଉଛି ଦୀପାବଳି



ଏହି ବର୍ଷ ଦିପାବଳୀ ସୋମବାର, ଅକ୍ଟୋବର ୨୦ ରେ ପଡୁଛି । ଏହି ଶୁଭ ହିନ୍ଦୁ ପର୍ବ ଉତ୍ସବ ପାଞ୍ଚ ଦିନ ଧରି ଚାଲିଥାଏ । ଦୀପାବଳିର ସବୁଠାରୁ ମହ□ପୂର୍ଣ୍ଣ ଏବଂ ପବିତ୍ର ପର୍ବ, ଦୀପାବଳି ନାମରେ ଜଣାଶୁଣା । ଅନ୍ଧକାର ଉପରେ ଆଲୋକର ବିଜୟ, ଅଜ୍ଞତା ଉପରେ ଜ୍ଞାନ, ମନ୍ଦ ଉପରେ ଭଲ ଏବଂ ନିରାଶା ଉପରେ ଆଶା କରିବା ପାଇଁ ହିନ୍ଦୁମାନେ ଏହି ଶୁଭ ପର୍ବ ପାଳନ କରନ୍ତି । ଦୀପାବଳି ମଧ ଭଗବାନ କୃଷ୍ଣଙ୍କ ଦ୍ୱାରା ନର୍କସୁର ଭଳି ଅନେକ ଅସୁରଙ୍କ ମୃତ୍ୟୁ, ରାବଣଙ୍କୁ ହତ୍ୟା କରିବା ପରେ ଅଯୋଧ୍ୟାରେ ଭଗବାନ ରାମଙ୍କ ଆଗମନ ପାଇଁ ପାଳନ କରାଯାଏ । ଲୋକମାନେ ନିଜ ଘରେ ଏବଂ କାର୍ଯ୍ୟାଳୟରେ ଶୁଭ ଲକ୍ଷ୍ମୀ ପୂଜା କରି ଦୀପାବଳିରେ ଦେବୀ ଲକ୍ଷ୍ମୀଙ୍କୁ ପ୍ରାର୍ଥନା କରନ୍ତି ଏବଂ ଦେବୀଙ୍କୁ ସମୃଦ୍ଧତା, ସୁଖ, ଶାନ୍ତି ଏବଂ ଧନ ଦେଇ ଆଶୀର୍ବାଦ କରିବାକୁ କୁହନ୍ତି ।ଦେଶର ଅଧିକାଂଶ ସ୍ଥାନରେ ଦୀପାବଳି ପା□ ଦିନ ପାଇଁ ପାଳନ କରାଯାଏୟ ଉତ୍ସବର ଅବଧି ଧନତେ୍‌ରାସରୁ ଆରମ୍ଭ ହୋଇ ଭାଇ ଦୋଜରେ ଶେଷ ହୁଏ।

## ଗଜ ଉଦ୍ଧାରଣର କଥା

ଗଜ-ଉଦ୍ଧାରଣ ଭଗବାନ ବିଷ୍ଣୁ ବା ଶ୍ରୀଜଗନ୍ନାଥଙ୍କର ଏକ ପ୍ରସିଦ୍ଧ ଲୀଳା। ଚକ୍ର ଆୟୁଧରେ ଗ୍ରାହ (କୁମ୍ଭୀର)ର ଶିରଚ୍ଛେଦ କରି ଭଗବାନ ଗଜେନ୍ଦ୍ରକୁ ଉଦ୍ଧାର କରିଥିଲେ। ତାହା ଫଳରେ କୁମ୍ଭୀର ତା'ର ପୂର୍ବଜନ୍ମର ଗନ୍ଧର୍ବରୂପ ଫେରିପାଇଥିଲା। ଗଜେନ୍ଦ୍ର ମଧ ସାରୂପ୍ୟ ମୁକ୍ତି ପାଇ, ବିଷ୍ଣୁଙ୍କ ପରି ଚତୁର୍ଭୁଜ ହୋଇ ବିଷ୍ଣୁଲୋକ ଗମନ କରିଥିଲା। କିନ୍ତୁ ଏହି ଅବସରରେ ଭଗବାନ ବିଷ୍ଣୁ ଗଜେନ୍ଦ୍ରକୁ ଯାହା କହିଥିଲେ, ତାହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ସଂସ୍କୃତ 'ଶ୍ରୀମଦ୍‌ଭାଗବତ' ଅନୁସାରେ, ଭଗବାନ ବିଷ୍ଣୁ ଗଜେନ୍ଦ୍ର ଉପରେ ପ୍ରସନ୍ନ ହୋଇ କହିଥିଲେ- ହେ ଗଜେନ୍ଦ୍ର !



ଯେଉଁମାନେ ମୋର ଶ୍ରୀବତ୍ସ ଚିହ୍ନ, କୌସ୍ତୁଭ ମଣି, ମାଳା, କୌମୋଦକୀ ଗଦା, ସୁଦର୍ଶନ ଚକ୍ର, ପାଞ୍ଚଜନ୍ୟ ଶଙ୍ଖ, ପକ୍ଷୀରାଜ ଗରୁଡ଼, ମୋର ସୂକ୍ଷ୍ମ ଅଂଶରୂପୀ ଅନନ୍ତ, ମୋର ଆଶ୍ରିତା ଲକ୍ଷ୍ମୀଦେବୀ, ବ୍ରହ୍ମା, ଶିବ, ନାରଦମୁନି, ପ୍ରହ୍ଲାଦ, ମତ୍ସ୍ୟ, କୂର୍ମ ଓ ବରାହ ପ୍ରଭୃତି ମୋର ଅନନ୍ତ ପୁଣ୍ୟମୟ ଅବତାରମାନଙ୍କର ଲୀଳା ଏବଂ ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନିଙ୍କୁ ମୋର ରୂପଭାବେ ସ୍ମରଣ କରନ୍ତି; ଓଁକାର, ସତ୍ୟ, ମୂଳପ୍ରକୃତି, ଗୋ, ବ୍ରାହ୍ମଣ, ଅକ୍ଷୟ ସନାତନଧର୍ମ, ସୋମ, କଶ୍ୟପ ଓ ଧର୍ମଙ୍କର ପତ୍ନୀ ଦକ୍ଷ କନ୍ୟାଗଣଙ୍କୁ ଏବଂ ଭକ୍ତରାଜ ଧ୍ରୁବ, ମରୀଚି ଆଦି ସପ୍ତଋଷିଙ୍କୁ, ପୁଣ୍ୟଶ୍ଳୋକ ମନୁଷ୍ୟ (ଯଥା ଯୁଧିଷ୍ଠିର, ଜନକ, ନଳରାଜା ଆଦି)ଙ୍କୁ ମଧ ମୋର ରୂପ ଭାବରେ ସ୍ମରଣ କରନ୍ତି, ସେମାନେ ସମସ୍ତ ପାପରୁ ମୁକ୍ତ ହୋଇଯାଆନ୍ତି ! କେବଳ ଏତିକି ନୁହେଁ; ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ସେ ଗଜେନ୍ଦ୍ରକୁ ଆହୁରି ମଧ କହିଥିଲେ- ହେ ଗଜେନ୍ଦ୍ର ! ଯେଉଁମାନେ ତୁମକୁ ଓ ମୋତେ, ଏବଂ ଏହି ଗିରିକନ୍ଦର, ବନ, ସରୋବର, ବେତବାଉଁଶ ଆଦିର ବୁଦା ଏବଂ ଦେବଦାରୁ ଆଦି ବୃକ୍ଷଙ୍କୁ ଏବଂ ସମସ୍ତ ଗିରିଶୃଙ୍ଗଙ୍କୁ, ମୋର ପ୍ରିୟ କ୍ଷୀରସାଗର ଓ ଶ୍ୱେତଦୀପକୁ ଏବଂ ଗଙ୍ଗା, ସରସ୍ୱତୀ, ଅଳକାନନ୍ଦା ଓ ଯମୁନା ଆଦି ନଦୀଙ୍କୁ ମୋର ରୂପ ଭାବରେ ସ୍ମରଣ କରନ୍ତି, ସେମାନେ ମଧ ସମସ୍ତ ପାପରୁ ମୁକ୍ତ ହୋଇଯାଆନ୍ତି। 'ଶ୍ରୀମଦ୍‌ଭାଗବତ'ର ଏହି ଉକ୍ତି ଆମକୁ ସ୍ପଷ୍ଟ ରୂପେ ସୂଚାଏ, ଯେ ଏ ସମସ୍ତ ହେଉଛନ୍ତି ଭଗବାନଙ୍କର ସ୍ୱରୂପ। ଏଣୁ ଆମେ ସେମାନଙ୍କୁ ସ୍ୱୟଂ ଭଗବାନ ବିଷ୍ଣୁଙ୍କ ପରି ଉପାସନା କରିବା ଉଚିତ।

## ଉତ୍ତମ ସ୍ତ୍ରୀ'ର ୫ ସଦ୍‌ଗୁଣ





ଆଚାର୍ଯ୍ୟ ଚାଣକ୍ୟ ମନୁଷ୍ୟ ଜୀବନକୁ ସଫଳ କରିବା ପାଇଁ ଅନେକ ନୀତି ବିଷୟରେ ବର୍ଣ୍ଣନା କରିଛନ୍ତି। ଯେଉଁ ବ୍ୟକ୍ତି ଏହାକୁ ଅନୁସରଣ କରେ ତାର ଜୀବନରୁ ଅନେକ ସମସ୍ୟା ଦୂର ହୋଇପାରେ। ଚାଣକ୍ୟ

ନିଜର ଏକ ନୀତିରେ ସ୍ତ୍ରୀମାନଙ୍କର ୫ଟି ଗୁଣ ବିଷୟରେ ଉଲ୍ଲେଖ କରିଛନ୍ତି। ସେମାନଙ୍କ ପାଇଁ ସ୍ୱାମୀମାନେ ଭାଗ୍ୟବାନ ପାଲଟନ୍ତି ବୋଲି ସେ କହିଛନ୍ତି। ଜାଣନ୍ତୁ:

ଧାର୍ମିକ ବିଚାର ଥିବା ସ୍ତ୍ରୀ: ଚାଣକ୍ୟ ନିଜର ନୀତିରେ କହିଛନ୍ତି ଯେଉଁ ସ୍ତ୍ରୀ ଧାର୍ମିକ ହୋଇଥାନ୍ତି ସେମାନେ ସ୍ୱାମୀଙ୍କ ପାଇଁ ଭାଗ୍ୟଶାଳୀ। ଭଗବାନଙ୍କ ଉପରେ ଆସ୍ଥା ରଖୁଥିବା ସ୍ତ୍ରୀଙ୍କ ଘରେ ଭଗବାନ ବାସ କରିଥାନ୍ତି। ଯେଉଁ ଘରେ ଭଗବାନଙ୍କ ବାସ ହୋଇଥାଏ ସେଠାରେ ସୁଖ ସମୃଦ୍ଧି ରହିଥାଏ।

ସନ୍ତୋଷ ରଖୁଥିବା ସ୍ତ୍ରୀ: ଚାଣକ୍ୟ କୁହନ୍ତି ଯେଉଁ ସ୍ତ୍ରୀ ସନ୍ତୋଷ ରଖିଥାନ୍ତି ଏବଂ ଯେଉଁମାନଙ୍କର ଅଧିକ ଇଚ୍ଛା ନ ଥାଏ, ତାଙ୍କର ଦାମ୍ପତ୍ୟ ଜୀବନ ସୁଖମୟ ହୋଇଥାଏ। ଏପରି ସ୍ତ୍ରୀଙ୍କ ସ୍ୱାମୀ ବହୁତ ଭାଗ୍ୟଶାଳୀ ହୋଇଥାନ୍ତି।

ଧୈର୍ଯ୍ୟ ଥିବା ସ୍ତ୍ରୀ: ବ୍ୟକ୍ତିର ଜୀବନରେ ଧୈର୍ଯ୍ୟ ବହୁତ ଜରୁରୀ। ଯେଉଁ ସ୍ତ୍ରୀ ସବୁ ପରିସ୍ଥିତିରେ ଧୈର୍ଯ୍ୟ ହାରି ନ ଥାଏ, ସେ ବିପଦରୁ ମୁକ୍ତି ପାଇବାର ବାଟ ଖୋଜି ନେଇଥାଏ। ଏପରି ସ୍ତ୍ରୀ ଥିବା ସ୍ୱାମୀ ଭାଗ୍ୟଶାଳୀ ହୋଇଥାନ୍ତି।

ରାଗୁ ନ ଥିବା ସ୍ତ୍ରୀ: ରାଗିଯିବା ସ୍ୱାଭାବିକ କଥା। ହେଲେ ଅଧିକ ରାଗ ବିଲ୍‌କୁଲ ଭଲ ନୁହେଁ। ରାଗ ମଣିଷର ବଡ଼ ଶତ୍ରୁ। ଚାଣକ୍ୟ କୁହନ୍ତି ଯେଉଁ ସ୍ତ୍ରୀ କମ୍ ରାଗେ, ତାର ସ୍ୱାମୀ ଭାଗ୍ୟଶାଳୀ। କାରଣ ଏଭଳି ଲୋକଙ୍କ ଘରେ ଝଗଡ଼ା ବହୁତ କମ୍ ହୋଇଥାଏ। ଫଳରେ ଘରେ ସବୁବେଳେ ଶାନ୍ତି ରହିଥାଏ।

ମଧୁର କଥା କହୁଥିବା ସ୍ତ୍ରୀ: କଥାରେ ଅଛି ମନୁଷ୍ୟର ବାଣୀ ହିଁ ତାର ବ୍ୟକ୍ତିତ୍ୱର ପରିଚୟ ଦେଇଥାଏ। ଚାଣକ୍ୟ କୁହନ୍ତି ଯେଉଁ ସ୍ତ୍ରୀ କଥା ଯେତେ ମିଠା, ତାର ସ୍ୱାମୀ ସେତେ ଭାଗ୍ୟଶାଳୀ।

## ପୂଜାରେ ପତ୍ରର ଗୁରୁତ୍ୱ

ପର୍ବପର୍ବାଣି ସମୟରେ ଏବଂ ସାଧାରଣ ପୂଜା ବେଳେ ଫୁଲ ଏବଂ ପତ୍ରର ଆବଶ୍ୟକତା ପଡ଼ିଥାଏ। ସାଧାରଣ ପୂଜା ପ୍ରସଙ୍ଗରେ ମଧ କଳସର ସ୍ଥାପନା କରାଯାଇଥାଏ । ପୂଜା ବେଳେ



କଳସ ଉପରେ ଆମ୍ବ ପତ୍ର ରଖାଯାଇଥାଏ। ମଣ୍ଡପ ଆଦିର ସଜାଇବା ସମୟରେ ଆମ୍ବ ପତ୍ର, ପଳାସ, ଜାମୁ, ବାଉଁଶ ଆଦି ପତ୍ରର ପ୍ରୟୋଗ କରାଯାଇଥାଏ। ସେହିପରି ବ୍ରତ-ଉତ୍ସବରେ, ଶିବ-ପାର୍ବତୀଙ୍କ ପୂଜା ସମୟରେ, ଏକାଦଶୀ ଏବଂ ପୂର୍ଣ୍ଣିମାର ପୂଜା ସମୟରେ, ପୂଜାପାଠ କରିବା ସମୟରେ ମଧ ବେଲପତ୍ର, ଦୁଦୁରା ତଥା ମନ୍ଦାର ପତ୍ର ବ୍ୟବହାର କରାଯାଏ। ପୂଜା-ପାଠରେ ପତ୍ରର ପ୍ରୟୋଗ ଦ୍ୱାରା ଘରେ ସକାରାତ୍ମକ ଶକ୍ତି ଉତ୍ପନ୍ନ ହୋଇଥାଏ। ବାହାରୁ ଆସୁଥିବା ବାୟୁ ଯେତେବେଳେ ଏହି ପତ୍ରକୁ ସ୍ପର୍ଶ କରି ଘରେ ପ୍ରବେଶ କରିଥାଏ, ତାହା ବାତାବରଣରେ ସକାରାତ୍ମକ କଣିକା ଖେଳାଇ ଦେଇଥାଏ। ସକାରାତ୍ମକତା ଘରେ ସୁଖ-ଶାନ୍ତି ଏବଂ ସମୃଦ୍ଧି ଆଣିଥାଏ। ବସନ୍ତ ଋତୁରେ ଗଛରୁ ଝଡୁଥିବା ପତ୍ର ମଧ ଉପଯୋଗୀ ହୋଇଥାଏ। ଏଗୁଡ଼ିକ ଭୂମି ଉପରେ ଖସିପଡ଼ି, ମାଟି-ପାଣିରେ ମିଶି ଖତ ଭଳି କାମ କରିଥାଏ। ଗଛ ବଢ଼ିବାରେ ପତ୍ର ସବୁଠୁ ଅଧିକ ସହାୟକ ହୋଇଥାଏ। ପତ୍ରଗୁଡ଼ିକ ଗଛ ପାଇଁ ଭୋଜନ ପ୍ରସ୍ତୁତ କରିଥାନ୍ତି । ସେଗୁଡ଼ିକ ସୂର୍ଯ୍ୟଙ୍କ ଆଲୋକକୁ ଶକ୍ତିରେ ପରିବର୍ତ୍ତନ କରିଥାନ୍ତି । ପତ୍ର ଅଙ୍ଗାରକାମ୍ଳ ବାଷ୍ପ ଶୋଷଣ କରି ଅମ୍ଳଜାନ ସଂଚରଣ କରିଥାନ୍ତି । ଦେବତାମାନଙ୍କୁ ଭୋଗ ଅର୍ପଣ କରିବା ସମୟରେ ମଧ ପତ୍ରର ଉପଯୋଗ କରାଯାଇଥାଏ। ନିମ୍ବ, ତୁଳସୀ ଆଦି ପତ୍ରର ଅନେକ ଔଷଧୀୟ ତଥା ଆଧ୍ୟାତ୍ମିକ ଗୁଣ ରହିଛି । ଏହି କାରଣରୁ ଏସବୁ ବୃକ୍ଷ ଘରେ ରଖାଯାଇ ପୂଜା କରାଯାଇଥାଏ। ପତ୍ର ପ୍ରାକୃତିକ ହୋଇଥିଲେ ହେଁ ଏହା ଧର୍ମ ସହିତ ଯୋଡ଼ି ହୋଇରହିଛି ।

# ଜନଭାଗିଦାରୀ ଅଭିଯାନରେ କେନ୍ଦୁଝର ଜିଲ୍ଲା ସମ୍ମାନିତ

**ଭୁବନେଶ୍ୱର,୧୮।୧୦ (ମହାଭାରତ):** ଧରତୀ ଆବା ଜନଭାଗିଦାରୀ ଅଭିଯାନ ଅଧୀନରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବରେ ଉଲ୍ଲେଖନୀୟ ପ୍ରଦର୍ଶନ ଏବଂ ଅନୁକରଣୀୟ ଅବଦାନ ପାଇଁ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା କେନ୍ଦୁଝର ଜିଲ୍ଲାକୁ ସ୍ୱୀକୃତି ପ୍ରମାଣପତ୍ର ପ୍ରଦାନ କରାଯାଇଛି ଆଜି ନୂଆଦିଲ୍ଲୀରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ସଚିବ ବିଭୁ ନାୟାରଙ୍କ ଦ୍ୱାରା ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ ବିଶାଳ ସିଂହ ଅତ୍ୟନ୍ତ ଗର୍ବ ଏବଂ ଆନନ୍ଦ ସହକାରେ ଏହି ସମ୍ମାନ ସମଗ୍ର କେନ୍ଦୁଝରବାସୀଙ୍କର ବୋଲି କହିଛନ୍ତି। ଏଥିସହ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଏହି ସମ୍ମାନ ଆମର ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀ ଏବଂ ସ୍ଥାନୀୟ ଅନୁଷ୍ଠାନଗୁଡ଼ିକର ସାମୂହିକ ପ୍ରୟାସର ପ୍ରମାଣ ବୋଲି କହିଛନ୍ତି। ଆହୁରିମଧ୍ୟ ଶ୍ରୀ ସିଂହ ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବା ଓ ଯେଉଁମାନେ ଏହାର ସର୍ବାଧିକ ଆବଶ୍ୟକତା ରଖିଛନ୍ତି ସେମାନଙ୍କୁ କିପରି ଲାଭ ମିଳିବ ତାହା ଆମର ଲକ୍ଷ୍ୟ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ, ଅନ୍ତର୍ଭୁକ୍ତିକରଣ ଶାସନର



ଦୃଷ୍ଟିକୋଣ ସହିତ ସଂଯୁକ୍ତ ହୋଇ ଆଦିବାସୀ ଅଞ୍ଚଳରେ ସକ୍ରିୟ ସମାବେଶୀ ଅଂଶଗ୍ରହଣ ଏବଂ ବିକାଶର ସ୍ଥାୟୀ ମଡେଲଗୁଡ଼ିକୁ ପ୍ରୋତ୍ସାହିତ କରିବାରେ ଜିଲ୍ଲା ଉଲ୍ଲେଖନୀୟ ପ୍ରଗତି ଦେଖାଇଛି। ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପାଇଁ ଭାରତ ସରକାରଙ୍କ ପ୍ରୟାସର ଏକ ଅଂଶ ଭାବରେ ଆରମ୍ଭ ହୋଇଥିବା ଧରତୀ ଆବା ଜନଭାଗୀଦାରୀ ଅଭିଯାନ, ଶାସନରେ ଜନଜାତି ସମ୍ପ୍ରଦାୟର ଲୋକଙ୍କ ଅଂଶଗ୍ରହଣକୁ ବୃଦ୍ଧି କରିବା ଏବଂ ଆଦିବାସୀ ଅନୁଷ୍ଠାନଗୁଡ଼ିକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟ କରୁଛି ଏହି ପଦକ୍ଷେପ ଅଧୀନରେ, କେନ୍ଦୁଝର ଜିଲ୍ଲା ଏହାର ଲୋକାଭିମୁଖୀ ଯୋଜନା ପ୍ରଣୟନର ଆଭିମୁଖ୍ୟ, ଅଭିନବ ଯୋଜନା ଏବଂ ଆଦିବାସୀ ସମ୍ପ୍ରଦାୟ ପାଇଁ କଲ୍ୟାଣକାରୀ ଯୋଜନାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ କରିବାରେ ସ୍ୱତନ୍ତ୍ର ଛାପ ଛାଡ଼ି ପ୍ରଶଂସା ସାଉଁଟି ପାରିଛି ଜାତୀୟ ସ୍ତରରେ ଏଭଳି ମାନ୍ୟତା ପାଇବା ଶିକ୍ଷା, ଜୀବିକା ବୃଦ୍ଧି, ମହିଳା ସଶକ୍ତିକରଣ ଏବଂ ଡିଜିଟାଲ୍ ଅନ୍ତର୍ଭୁକ୍ତି ମାଧ୍ୟମରେ ଆଦିବାସୀ ଅଞ୍ଚଳରେ ଜୀବନର ଗୁଣବତ୍ତା ଉନ୍ନତ କରିବା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନର ପ୍ରତିବଦ୍ଧତାକୁ ଦର୍ଶାଉଛି ସ୍ଥାନୀୟ ପ୍ରଶାସନ, ବିଭିନ୍ନ ବିଭାଗ ଏବଂ ତୃଣମୂଳ ସ୍ତରର କର୍ମକର୍ତ୍ତାଙ୍କ ସମନ୍ୱିତ ପ୍ରୟାସ ଯୋଗୁଁ ଜିଲ୍ଲାର ସଫଳତା ସମ୍ଭବ ହୋଇପାରିଛି ଯେଉଁମାନେ ବିକାଶକୁ ଶେଷ ମାଇଲ ପର୍ଯ୍ୟନ୍ତ ପହଞ୍ଚାଇବା ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟ କରିଚାଲିଛନ୍ତି। ଏହି ସଫଳତା କେବଳ କେନ୍ଦୁଝରକୁ ଜାତୀୟ ମାନ୍ୟତା ଆଣିନାହିଁ ବରଂ ଧରତୀ ଆବା ଜନଭାଗୀଦାରୀ ଅଭିଯାନ ଅଧୀନରେ ପରିକଳ୍ପିତ ଅଂଶଗ୍ରହଣମୂଳକ ବିକାଶର ପଥ ଅନୁସରଣ କରିବା ପାଇଁ ଅନ୍ୟ ଜିଲ୍ଲାଗୁଡ଼ିକୁ ପ୍ରେରଣା ପ୍ରଦାନ କରୁଛି।

# ରାଜ୍ୟସ୍ତରୀୟ ବିଶ୍ୱ ଧଳାବାଡ଼ି ଦିବସ

**ଭୁବନେଶ୍ୱର,୧୮।୧୦ (ମହାଭାରତ):** ଧଳାବାଡି ଦୃଷ୍ଟିବାଧିତଙ୍କ ସ୍ୱାଧିନତା ଓ ସ୍ୱାଭିମାନର ପ୍ରତୀକ । ଜଣେ ଦୃଷ୍ଟିବାଧିତ ବ୍ୟକ୍ତିଙ୍କୁ ସମାଜରେ ଆତ୍ମନିର୍ଭରଶୀଳ କରିବା ପାଇଁ ଧଳାବାଡିର ଗୁରୁତ୍ୱ ଦର୍ଶାଇବା ସହ ଓଡିଶା ସରକାର ଦୃଷ୍ଟିବାଧିତମାନଙ୍କ ପାଇଁ ଦେଶରେ ପ୍ରଥମ କରି ସ୍ୱତନ୍ତ୍ର ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି ବୋଲି ସୂଚନା ଦେଇଥିଲେ ।



ମହତ୍ୱପୂର୍ଣ୍ଣ ଅବଦାନ ରହିଛି । ଦୃଷ୍ଟିବାଧିତ ବ୍ୟକ୍ତି ଯେପରି ସମାନତାର ଅଧିକାରକୁ ସାବ୍ୟସ୍ତ କରିପାରିବ ସେଥି ନିମନ୍ତେ ଏଇ ଧଳାବାଡ଼ି ଆତ୍ମବିଶ୍ୱାସ ଜାଗ୍ରତ କରାଇଥାଏ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶିକା ସୁଶ୍ରୀ ପାରୁଲ ପଟାୱରୀ ପ୍ରକାଶ କରିଛନ୍ତି।

ଆଜି ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ଭୁବନେଶ୍ୱର ଆନୁକୁଲ୍ୟରେ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ଧଳାବାଡି ଦିବସ ୨୦୨୫ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁଶ୍ରୀ ପଟାୱରୀ ଏକ ଅନ୍ତର୍ନିବେଶୀ ସମାଜ ଗଠନରେ ଧଳାବାଡି ଦିବସର ଅବସରପ୍ରାପ୍ତ ବରିଷ୍ଠ ଅଧ୍ୟାପକ ଯୁଗଳ କିଶୋର ପ୍ରଧାନ ଏବଂ ଭୀମ ଭୋଇ ଦୃଷ୍ଟିହୀନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବରିଷ୍ଠ ଶିକ୍ଷକ ତାପସ କୁମାର ମହାନ୍ତି ମଧ୍ୟ ଧଳାବାଡ଼ି ଦିବସର ଆଭିମୁଖ୍ୟ ନେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ନିର୍ଦ୍ଦେଶିକା ସୁଶ୍ରୀ ପଟାୱରୀ ଧଳାବାଡି ଦିବସ ସଚେତନତା ଶୋଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।ସ୍ୱତନ୍ତ୍ର ଶାସନ ସଚିବ ସୁଶ୍ରୀ ରଜନୀ ଜାନୀ, ସାଇଜରର ଭାରପ୍ରାପ୍ତ ଅଧକ୍ଷ ଡ଼ଃ ଲାନୋ, ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ, ଭାସ୍କର ରଇତ, ସାଇଜରର ଉନ୍ନୟନ ଅଧିକାରୀ ସେଖ୍ ଇକ୍‌ବାଲ୍ ଅଲ୍ଲୀ ପ୍ରମୁଖ ଏହି ଉତ୍ସବରେ ଉପସ୍ଥିତ ଥିଲେ ।

# ମେୟରଙ୍କ ବାସଭବନ ଘେରାଉ

**ଭୁବନେଶ୍ୱର,୧୮।୧୦ (ମହାଭାରତ):** ଭୁବନେଶ୍ୱରର ବିଭିନ୍ନ ଜାଗାରେ ନିଜର ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ୩ ହଜାରରୁ ଉର୍ଦ୍ଧ୍ୱ ଉଠାଦୋକାନୀ ମାନଙ୍କୁ ଭୁବନେଶ୍ୱର ମହାନଗର ନିଗମ ଉଚ୍ଛେଦ କରିବା ପ୍ରତିବାଦରେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ତରଫରୁ ଗୁରୁବାର ମେୟରଙ୍କ ବାସଭବନ ଘେରାଉ ପାଇଁ ଡାକରା ଦେଇଥିଲା। କଳ୍ପନା ଛକରୁ ଉଠାଦୋକାନୀ ମାନଙ୍କ ଏକ ବିରାଟ ଶୋଭାଯାତ୍ରା ବାହାରିବା ସମୟରେ ସେଠାରେ ପୁଲିସ୍ ପହଞ୍ଚି ଆନ୍ଦୋଳନକାରୀ ମାନଙ୍କୁ ଅଟକାଇଥିଲା। ଅଟକାଇବା ସମୟରେ ମହାସଂଘର ଉପସଭାପତି ନିରଞ୍ଜନ ପାଣ୍ଡେ ଓ ମଞ୍ଜୁଲତା ନାୟକ ପୁଲିସ୍‌ଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଫଳରେ ପୁଲିସ୍ ଆନ୍ଦୋଳନକାରୀ ମାନଙ୍କୁ ଆଗକୁ ଯିବାକୁ ଦେଇନଥିଲା।

ଏହାପରେ ପ୍ରଦୀପ ସାହୁ, ହରିପଦ ଦାସ, ସୂର୍ଯ୍ୟମଣି ସାହୁ, ସସ୍ମିତା ସାହୁ, ମଞ୍ଜୁଲତା ସାହୁ ଏକ ୫ ଜଣିଆ ପ୍ରତିନିଧି ମଣ୍ଡଳୀ ନିରଞ୍ଜନ ପାଣ୍ଡେଙ୍କ ନେତୃତ୍ୱରେ ବିଏମ୍‌ସି ଅଫିସ୍ ଯାଇ ଭେଣ୍ଡିଂଜୋନ ଡେପୁଟି କମିଶନର ଅଜୟ କୁମାର ମହାନ୍ତିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ମହାସଂଘର ପ୍ରମୁଖ ଦାବି ଗୁଡିକ ହେଲା ସମ୍ପୂର୍ଣ୍ଣ ଉଠାଦୋକାନ ଉଚ୍ଛେଦ ବନ୍ଦ କରାଯାଉ, ନୂତନ ଟାଉନ ଭେଣ୍ଡିଂଜୋନ ଗଠନ କରାଯାଉ, ଉଠାଦୋକାନମାନଙ୍କୁ ଉଚ୍ଛେଦ କରି ସେଠାରେ ସାଇକେଲ ଷ୍ଟାଣ୍ଡ ଓ ଗାଡ଼ି ଷ୍ଟାଣ୍ଡ କରାନଯାଉ, ୬୭ଟି ୱାର୍ଡ଼ରେ ଟାଉନ ଭେଣ୍ଡିଂ କମିଟି ଗଠନ କରାଯାଉ, ଭୁବନେଶ୍ୱରରେ ଉଚ୍ଛେଦ ସମୟରେ ଉଠାଦୋକାନୀମାନଙ୍କୁ ଦୁର୍ବ୍ୟବହାର କରୁଥିବା ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ, ଇତ୍ୟାଦି।

# ରାଜ୍ୟବ୍ୟାପୀ ସାଇବର ସୁରକ୍ଷା ସଚେତନତା କରାଯିବ

**ଭୁବନେଶ୍ୱର,୧୮।୧୦ (ମହାଭାରତ):** ଅଳସନ୍ତା ଅକ୍ଟୋବର ୧୮ ରୁ ୧୭ ନଭେମ୍ବର ୨୦୨୫ ପର୍ଯ୍ୟନ୍ତ ଉଭୟ ଅନ୍‌ଲାଇନ ଓ ଅଫଲାଇନ୍ ମୋଡରେ ସାଇବର ସୁରକ୍ଷା ସଚେତନତା ସଂପର୍କରେ ରାଜ୍ୟବ୍ୟାପୀ ବ୍ୟାପକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସଂପର୍କରେ ଆଜି ସଂଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା ଅଭିଯାନର ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଅକ୍ଟୋବର ୧୮ରୁ କଳିଙ୍ଗ ଷ୍ଟାଡିଅମ ଠାରୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ସାଇବର ରଥର ଶୁଭାରମ୍ଭ କରିବାର କାର୍ଯ୍ୟକ୍ରମ ରହିଛି। ସାଇବର ସୁରକ୍ଷା ସଂପର୍କିତ ଭିଡିଓ, ପ୍ରଚାର ପତ୍ର, ଥିମ୍ ସଂଗୀତ ସହିତ ଏହି ସଚେତନତାକୁ ବ୍ୟାପକ କରାଯିବ।

ସମଭାବରେ ଜିଲ୍ଲାସ୍ତରରେ ମଧ୍ୟ କାର୍ଯ୍ୟକ୍ରମ ହେବ। ସାଇବର ଅପରାଧରୁ ଶିଶୁମାନଙ୍କୁ ସୁରକ୍ଷିତ ରଖିବା, ନିବେଶ କ୍ଷେତ୍ରରେ ଜାଲିଆତିରୁ ସୁରକ୍ଷିତ ରହିବା, ଅପରାଧି କେହି ବ୍ୟକ୍ତିଙ୍କର ନିଜସ୍ କିମ୍ବା ଗୋପନ ଫଟୋ, ଭିଡିଓ କିମ୍ବା ଚାଟ୍ ଦେଖାଇ କିମ୍ବା ଧମକ ଦେଇ ଟଙ୍କା ବା ଅନ୍ୟ କିଛି ସୁବିଧା ଚାହିଁବା (ସେକ୍ସଟରସନ), ବେଆଇନ ବ୍ୟାଙ୍କ୍ ଆକାଉଣ୍ଟ ଏବଂ ସିମ ବିକ୍ରି କରିବା, ହୋଟେଲ ବୁକିଂରେ ସ୍କାମ, ଡିଜିଟାଲ



ଆରେଷ୍ଟ, ସୁରକ୍ଷିତ ସାମାଜିକ ଗଣମାଧ୍ୟମର ବ୍ୟବହାର ସଂପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବ। ଅଭିଯାନର ଟ୍ୟାଗ୍ ଲାଇନ୍ ରଖାଯାଇଛି– ଷ୍ଟପ, ଭେରିଫାଏ, ବି ସିକ୍ୟୁୟର (ରୁହ, ଯାଞ୍ଚ କର, ସୁରକ୍ଷିତ ରୁହ) ଅଭିଯାନରେ ମାସ୍କଟ ସାଇରା ବ୍ୟବହୃତ ହେବ। ଅଭିଯାନରେ ବିଭିନ୍ନ ବିଭାଗ ସାମିଲ ହେବେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କୁ ସ୍କୁଲ ଓ ହଷ୍ଟେଲରେ ସଚେତନତା ସହ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ। ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ରାଜ୍ୟ ଓ ଜିଲ୍ଲାସ୍ତରରେ ପ୍ରଚାର ପ୍ରସାର କରାଯିବା ସହିତ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଜନପ୍ରତିନିଧିମାନଙ୍କ ସହଯୋଗରେ ସଚେତନତା କାର୍ଯ୍ୟକ୍ରମ ହେବ। ଆଶାକର୍ମୀମାନେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ଏହି ଅଭିଯାନରେ ସାମିଲ ହେବେ। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପଥପ୍ରାନ୍ତ ନାଟକ ଓ ଲୋକନୃତ୍ୟ ମାଧ୍ୟମରେ ସଚେତନ କରାଯିବ। ଇଲେକ୍ଟ୍ରୋନିକ ଓ ଆଇଟି ବିଭାଗର ସହଯୋଗ ନିଆଯିବ। ଅଭିଯାନରେ କୁଇଜ୍ ପ୍ରତିଯୋଗିତା, ଗଣ ଦୌଡ, ପଦଯାତ୍ରା, ଇନ୍ଫୋଗ୍ରାଫିକ୍ସ, ସଚେତନତା ସମ୍ମିଳନୀ, ଟିଭି, ରେଡିଓ, ସିନେମା ହଲ ସମେତ ବିଭିନ୍ନ ଗଣମାଧ୍ୟମରେ ସଚେତନତା ବ୍ୟାପକ କରାଯିବ। ଛାତ୍ରଛାତ୍ରୀ, ପିତାମାତା, ଶିକ୍ଷକ ଶିକ୍ଷୟିତ୍ରୀ, ଯୁବବର୍ଗ, ନିଯୁକ୍ତି ଆଶାୟୀ, ମହିଳା ଓ ବାଳିକା, ଗ୍ରାମୀଣ ଓ ଅର୍ଦ୍ଧ ସହରାଞ୍ଚଳ ନାଗରିକ, ବରିଷ୍ଠ ନାଗରିକ, ଏସ୍.ଏଚ୍.ଜି ଓ ବିଭିନ୍ନ ଗୋଷ୍ଠୀ, ବ୍ୟବସାୟୀ ବୃତ୍ତିଧାରୀଙ୍କ ମଧ୍ୟରେ ସାଇବର ସୁରକ୍ଷା ସଂପର୍କିତ ସଚେତନତା ବୃଦ୍ଧି କରିବା ପାଇଁ ଏହି ଅଭିଯାନ ବ୍ୟାପକ ହେବ। ଅଭିଯାନରେ ସାଇବର ସୁରକ୍ଷା ରଥ ରାଜ୍ୟ ସାରା ବୁଲି ପ୍ରଚାର ଅଭିଯାନ ଓ ସଚେତନ କରିବ ସାଇବର-ଅପରାଧ ସଂପର୍କିତ ହେଲ୍ପ ଲାଇନ୍ - ନମ୍ବର ୭୦୩୦ କାର୍ଯ୍ୟକାରୀ ହେଉଛି ଏବଂ ନ୍ୟାସନାଲ ସାଇବର କ୍ରାଇମ ରିପୋଟିଂ ପୋର୍ଟାଲ ରହିଛି। ଏହାର ସୁବିଧା ନେବାକୁ ଜନସାଧାରଣଙ୍କୁ ବ୍ୟାପକ ସଚେତନ କରାଯିବା ନେଇ ବେଠକରେ ଆଲୋଚନା କରାଯାଇଥିଲା। ବୈଠକରେ ଯୋଗ ଦେଇ ମୁଖ୍ୟ ଶାସନ ସଚିବ ଏହି ସଚେତନତା ଅଭିଯାନ ଯେପରି ଜନସାଧାରଣଙ୍କ ପାଇଁ ଅଧିକ ପ୍ରଭାବୀ ହେବ ସେ ସଂପର୍କରେ ଗୁରୁତ୍ୱ ନେଇଛନ୍ତି ସଂପୃକ୍ତ ସମସ୍ତ ବିଭାଗୀୟ ସଚିବମାନଙ୍କୁ ନିଜ ନିଜ ସଂସ୍ଥାଗତ ବ୍ୟବସ୍ଥାକୁ ସୁଦୃଢ଼ କରି ସାଇବର ଅପରାଧରୁ ସମସ୍ତଙ୍କୁ ସୁରକ୍ଷିତ ରଖିବାକୁ ସଚେତନତ ହେବା ପାଇଁ ସେ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଏବଂ ପରାମର୍ଶ ଦେଇଛନ୍ତି। ବୈଠକରେ ପୋଲିସ୍ ଡିଜି ୱାଇ.ବି.ଖୁରାନିଆ, ଡିଜିପି,ସିଆଇଡି, କ୍ରାଇମ୍ ବ୍ରାଞ୍ଚ ବିନୟତୋଷ ମିଶ୍ର, ଆଇ.ଜି ସିଆଇଡି, ସିବି. ସାର୍ଥକ ଷଡଙ୍ଗୀ, ଏସପି , ସିଆଇଡି, ସିବି ସ୍ମିତା ପାରାମାର ପ୍ରମୁଖ ଯୋଗଦେଇଥିଲେ।

# ନୂଆପଡ଼ାରେ ବିଜେପିର ମିଶ୍ରଣ ପର୍ବ

**ଭୁବନେଶ୍ୱର,୧୮।୧୦ (ମହାଭାରତ)::** ବିଜେପି ହେଉଛି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ। ଏହା ଏକ ବିଚାରଧାରର ପାର୍ଟି। ସଂସଦରେ ପ୍ରାୟ ୪୦ ଜଣ ଆଦିବାସୀ ଓ ବନବାସୀ ସମ୍ପ୍ରଦାୟର ଭାଇ ଏବେ ସାଂସଦ ଅଛନ୍ତି। ଦଳ ପାଖରେ ଆଜି ସର୍ବାଧିକ ଆଦିବାସୀ ବିଧାୟକ ଅଛନ୍ତି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବେ ସାରା ବିଶ୍ୱର ନେତୃତ୍ୱ ନେଉଛନ୍ତି। ଯେଉଁ ଭାରତବର୍ଷକୁ ଦିନେ ଗରିବ ଦେଶ ବୋଲି କୁହାଯାଉଥିଲା, ଆଜି ମୋଦିଜୀ ୧୧ବର୍ଷ ଧରି ଅଖଣ୍ଡ ପରିଶ୍ରମ କରି ସେହି ଭାରତ ଅର୍ଥନୀତିକୁ ବିଶ୍ୱର ୪ ନମ୍ବର ସ୍ଥାନରେ ପହଂଚାପାରିଛନ୍ତି। ଚାଷୀଙ୍କ ରୋଜଗାରକୁ ଦୁଇଗୁଣା କରିବା ପାଇଁ ଧାନ କୁଇଂଟାଲ ୧୩୧୦ରୁ ୨୩୬୯ ଟଙ୍କା କରିଛନ୍ତି। ଏହା ଉପରେ ଲୋକପ୍ରିୟ ମୁଖମନ୍ତ୍ରୀ ମୋହନଚରଣ ମାଝୀ ୮୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡି ଦେବା ପରେ ଧାନ କୁଇଂଟାଲ ପିଛା ସହାୟକ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି ପାଇଛି। ପିଏମ୍ କିଶାନ ଓ ସିଏମ୍ କିଶାନ



ଯୋଜନାରେ ଚାଷୀଙ୍କ ଆକାଉଂଟକୁ ସିଧାସଳଖ ଟଙ୍କା ପଠାଯାଉଛି। ରାଜ୍ୟର ମା' ଓ ଭଉଣୀମାନଙ୍କ ପାଇଁ ସୁଭଦ୍ରା ଯୋଜନାରେ ୫୦ହଜାର ଟଙ୍କା ଦେବାକୁ ବ୍ୟବସ୍ଥା କରାଯାଇଛି। ଫଳରେ ମା' ଭଉଣୀଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ିଛି। ବିଜେପି ଯାହା ପ୍ରତିଶ୍ରୁତି ଦେଇଛି ତାହା ପୂରଣ କରିଛି। ପୂର୍ବ ସରକାର ସମୟରେ ଯେଉଁ ସବୁ ସମସ୍ୟାର ସମାଧାନ ହୋଇ ନଥିଲା ସେସବୁର ସମାଧାନ ପାଇଁ ବିଜେପି ସରକାର ସଂକଳ୍ପବଦ୍ଧ ବୋଲି ନୂଆପଡ଼ାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

# ଓଏଏସ ପାଇଥିବା ଜ୍ୟୋର୍ତିମୟୀଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୧୮।୧୦ (ମହାଭାରତ):** ତେଲେଙ୍ଗାପେଣ୍ଠ ଅଞ୍ଚଳରେ ପ୍ରଥମ କରି ଓଏଏସ ପରୀକ୍ଷାରେ ଛଅସ୍ତରୀ ରେ ରହି କୃତକାର୍ଯ୍ୟ ହୋଇଥିବା ସି ଏମ ସି ୫୮ ନମ୍ବର ।ର୍ଡ ଅନ୍ତର୍ଗତ ନୂଆଗଡ ଗ୍ରାମ ର ମନୋରଞ୍ଜନ ସାହୁ ଏବଂ ଅନସୂୟା ସାହୁ ଙ୍କ ଜ୍ୟୋଷ୍ଠ କନ୍ୟା ଜ୍ୟୋର୍ତିମୟୀ ସାହୁଙ୍କୁ ଅଗ୍ରଣୀ ଆଧ୍ୟାତ୍ମିକ ପତ୍ରିକା ଦିବ୍ୟାଲୋକ ସନ୍ଧନେ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପତ୍ରିକାର ମୁଖ୍ୟ ସମ୍ପାଦକ ଡଃ ଶରତ କୁମାର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଆଧ୍ୟାତ୍ମିକ ସ୍ତମ୍ଭକାର ତଥା ପ୍ରବକ୍ତା ଶ୍ରୀସନ୍ନ୍ୟାସୀ ଜୀ, କଟକ ସଦର ଥାନାଞ୍ଚଳ ଶାନ୍ତି କମିଟିର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର, ସାମ୍ବାଦିକ ପ୍ରତାପ କେଶରୀ ପାତ୍ର, କାନନ ବିହାରୀ ନାୟକ, ରାଜକିଶୋର ବେହେରା, ଡାକ୍ତର ଅରବିନ୍ଦ ନନ୍ଦ ପ୍ରମୁଖ ଉପସ୍ଥିତ ରହି ଜ୍ୟୋର୍ତିମୟୀଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ଶ୍ରୀମନ୍ଦିର ନେତ ଆଦି ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହିତ ଚାକିରୀ ଜୀବନରେ କର୍ମ ଅପେକ୍ଷା କର୍ତ୍ତବ୍ୟ ଉପରେ ଗୁରୁତ୍ୱ ଦେଇ ଦୁର୍ନୀତି ଠାରୁ ଦୂରରେ ରହି ଅଞ୍ଚଳର ନାଁ ରଖିବା ପାଇଁ ପାଇଁ ପରାମର୍ଶ ଦେଇଥିଲେ।

# ପୀଡ଼ିତାଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତାଳାପ ଭିଡିଓ ଭାଇରାଲ ନିନ୍ଦନୀୟ

**ଭୁବନେଶ୍ୱର,୧୮।୧୦ (ମହାଭାରତ):** ପଶ୍ଚିମବଙ୍ଗର ଦୁର୍ଗାପୁର ଠାରେ ଗଣଦୁଷ୍କର୍ମର ଶିକାର ହୋଇଥିବା ଓଡ଼ିଆ ଡାକ୍ତରୀ ଛାତ୍ରୀଙ୍କ ସହିତ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ମାଝୀଙ୍କ ବାର୍ତ୍ତାଳାପର ଭିଡିଓ ଚିତ୍ର ଗଣମାଧ୍ୟମରେ ପ୍ରକାଶିତ ହେବାକୁ ନେଇ ବିଜୁ ମହିଳା ଜନତା ଦଳ ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକୁ ଭର୍ତ୍ସନା କରିଛି । ପୀଡିତାଙ୍କ ପରିଚୟ ଓ ତାଙ୍କ ସହିତ ବାର୍ତ୍ତାଳାପର ରେକର୍ଡିଂକୁ ଭାଇରାଲ କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ବାରଣ କରାଯାଇଥିବା ବେଳେ, ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟ ଘୋର ନିନ୍ଦନୀୟ ବୋଲି ବିଜୁ ମହିଳା ଜନତା ଦଳର ନେତ୍ରୀମାନେ କହିଥିଲେ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଶ୍ରୀମତୀ ଟୁକୁନି ସାହୁ କହିଥିଲେ, ଗତ ୧୫ ମାସର ବିଜେପି ଶାସନରେ, ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡିଛି । ଦୁଷ୍କର୍ମ, ଗଣଦୁଷ୍କର୍ମ, ଅସଦାଚରଣ, ହତ୍ୟା ଭଳି ଘଟଣା ପ୍ରତିଦିନ ଖବରକାଗଜର ଶିରୋନାମା ମଣ୍ଡନ କରୁଛି । ରାଜ୍ୟରେ ପ୍ରତିଦିନ ଅନେକ ମହିଳା ଏହିପରି ଦୁଷ୍କର୍ମ, ଗଣଦୁଷ୍କର୍ମର ଶିକାର ହେଉଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ କୌଣସି ତତ୍ପରତା ଦେଖିବାକୁ ମିଳୁନାହିଁ । ପଶ୍ଚିମବଙ୍ଗରେ ଘଟିଥିବା ଘଟଣା ନିଶ୍ଚିତ ଭାବେ ଦୁଃଖଦାୟକ ଓ ନିନ୍ଦନୀୟ । କିନ୍ତୁ, ଏଭଳି ଏକ ସମ୍ବେଦନଶୀଳ ଘଟଣାରେ, ଯେଉଁଭଳି ଭାବେ ମୁଖ୍ୟମନ୍ତ୍ରୀ



ମୋହନ ମାଝୀ ପୀଡିତାଙ୍କ ସହିତ ବାର୍ତ୍ତାଳାପର ରେକର୍ଡିଂକୁ ଭାଇରାଲ କଲେ ତାହା ଆହୁରି ଅଧିକ ନିନ୍ଦନୀୟ । ବିଜୁ ମହିଳା ଜନତା ଦଳର ସାଧାରଣ ସମ୍ପାଦିକା ଶ୍ରୀମତୀ ସୁମିତ୍ରା ଜେନା କହିଥିଲେ, ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ, ପୀଡିତାଙ୍କ ପରିଚୟ ଓ ତାଙ୍କ ସହିତ କୌଣସି ବାର୍ତ୍ତାଳାପ ଜନସାଧାରଣଙ୍କ ନିକଟରେ ପ୍ରକାଶିତ ହେବା ଉଚିତ ନୁହେଁ । ତେଣୁ ମୁଖ୍ୟମନ୍ତ୍ରୀ ଏହାକୁ ଗଣମାଧ୍ୟମରେ ବିତରଣ କରିବା ଦ୍ୱାରା ସେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାବଳୀକୁ ଉଲ୍ଲଙ୍ଘନ କରିଛନ୍ତି।

# ରାଜ୍ୟସ୍ତରୀୟ ପୋଷଣ ମାସ ପାଳିତ

**ଭୁବନେଶ୍ୱର,୧୮।୧୦ (ମହାଭାରତ):** ସନ୍ତୁଳିତ ଆହାର ଓ ଉନ୍ନତ ଜୀବନଶୈଳୀ ସୁସ୍ଥ ଶରୀରର ଦୁଇଟି ଗୁରୁତ୍ୱପୂର୍ଣ୍ଣ କାରକ। ଆମର ଉତ୍ତମ ଅଭ୍ୟାସ ଆମ ଉତ୍ତରପିଢିକୁ ପ୍ରେରଣା ଯୋଗାଏ । ମହିଳା ଓ ଶିଶୁମାନଙ୍କୁ ସଠିକ ପୋଷଣ ବିକଶିତ ଭବିଷ୍ୟତର ମୂଳଦୁଆ ବୋଲି ଆଜି "ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ଅଷ୍ଟମ ପୋଷଣ ମାସ"ର ଉଦଯାପନୀ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ ।

ବୁଧବାର ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଲୋକସେବା ଭବନ ସମ୍ମେଳନ କକ୍ଷରେ ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ଅଷ୍ଟମ ପୋଷଣ ମାସ ପାଳନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଚଳିତ ବର୍ଷ ପୋଷଣ ମାସରେ ଜନସଚେତନତା ଏକ ଜନ ଆନ୍ଦୋଳନରେ ପରିଣିତ ହେଇଛି ବୋଲି ମତ ପ୍ରକାଶ କରିଥିଲେ । ଏହି ଏକମାସ ଧରି ସଚେତନତା ଅଭିଯାନରେ ପ୍ରମୁଖ ବିଷୟବସ୍ତୁ ଯେପରିକି ମେଦବହୁଳତା ରୋକିବା ପାଇଁ ଖାଦ୍ୟରେ ଚିନି ଓ ତେଲ ଜାତୀୟ ଉପାଦାନ କମ୍ କରିବା, ଆଦ୍ୟ ଶୈଶବ ଅବସ୍ଥାରେ ଶିଶୁର ଯତ୍ନ ଓ ଶିକ୍ଷା/ପୋଷଣ ବି ପଢ଼ାଇ ବି, ନବଜାତ ଓ ଶିଶୁଙ୍କ ଖାଦ୍ୟାଭ୍ୟାସ, ପୁରୁଷଙ୍କ ସହଭାଗିତା, ସମନ୍ୱୟମୂଳକ ପଦକ୍ଷେପ ଓ ଡିଜିଟାଲିକରଣ, ସ୍ୱଦେଶୀ ପାଇଁ ସ୍ୱର – ତୃଣମୂଳ ସ୍ତରର ସଶକ୍ତିକରଣ ଓ ଆତ୍ମନିର୍ଭରତା ପ୍ରମୁଖ ବିଷୟବସ୍ତୁ ଉପରେ ରାଜ୍ୟର ସମସ୍ତ ଅଙ୍ଗନୱାଡ଼ିରୁ ଆରମ୍ଭ କରି ଆଇସିଡ଼ିଏସ ସେକ୍ଟର,ପ୍ରକଳ୍ପ, ଜିଲ୍ଲା ଓ ରାଜ୍ୟ ସ୍ତରରେ ସମୂହ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଇଅଛି । ସାରା ରାଜ୍ୟରେ ୫୪,୮୧,୯୫୨ ଗୋଟି ବିଷୟଭିତିକ ସଚେତନତା କାର୍ଯ୍ୟକ୍ରମ କରାଯାଇଅଛି। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ଦିଗଦର୍ଶନରେ ଶିଶୁଙ୍କ ଶିକ୍ଷା ସମ୍ବନ୍ଧୀୟ ସମସ୍ତ ତଥ୍ୟକୁ ସୁରକ୍ଷିତ ରଖିବା ଉଦ୍ଦେଶ୍ୟରେ ସମନ୍ୱୟମୂଳକ ପଦକ୍ଷେପ ଓ ଡିଜିଟାଲିକରଣରେ ଶିଶୁଙ୍କ ଆପାର ଆଇଡି କରାଯାଉଛି। ଚିକିତ୍ସା ସମ୍ବନ୍ଧୀୟ ତଥ୍ୟ ସୁରକ୍ଷିତ ରଖିବା ପାଇଁ ଆଭା ଆଇଡି କରାଯାଇଛି।

# ଆଇଆଇଟିରେ ଇୟୁ ପ୍ରତିନିଧି ଦଳ

**ଭୁବନେଶ୍ୱର,୧୮।୧୦ (ମହାଭାରତ):** ୟୁରୋପୀୟ ୟୁନିଅନ (ଇୟୁ)ର ଗବେଷଣା ଏବଂ ଉଭାବନ ପରାମର୍ଶଦାତା ଡକ୍ଟର ବିବେକ ଭି. ଧାମଙ୍କ ନେତୃତ୍ୱରେ ଭାରତ ପରିଦର୍ଶନରେ ଆସିଥିବା ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆଜି ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରକୁ ଗସ୍ତ କରିଛନ୍ତି। ଏହାର ଉଦ୍ଦେଶ୍ୟ – ୟୁରୋପୀୟ ପ୍ରତିଷ୍ଠାନ ଓ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ଗବେଷଣା, ନବସୃଜନ ଓ ଶିକ୍ଷାକ୍ଷେତ୍ରରେ ସହଯୋଗ ଓ ସମ୍ଭାବ୍ୟ ଅବସର ସନ୍ଧାନ କରିବା। ଫ୍ରାନ୍ସ, ଜର୍ମାନୀ, ହଙ୍ଗେରୀ, ନେଦରଲ୍ୟାଣ୍ଡ ଏବଂ ଚେକ୍ ଗଣରାଜ୍ୟ ସହିତ ଏକାଧିକ ଇୟୁ ସଦସ୍ୟ ଦେଶର ପ୍ରତିନିଧିମାନେ ଏହି ଦଳରେ ସମ୍ମିଳିତ ଥିଲେ। ସେମାନେ ଆଇଆଇଟି ଭୁବନେଶ୍ୱରର ନେତୃତ୍ୱ, ଶିକ୍ଷକ ଏବଂ ଗବେଷକମାନଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ, ହାଇକମିଶନର ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକରଙ୍କ ସହିତ ପ୍ରଫେସର ଆଶିଷ ବିଶ୍ୱାସ, ଡିନ୍ (ପୂର୍ବ ଛାତ୍ର, କର୍ପୋରେଟ୍ ଏବଂ ଆନ୍ତର୍ଜାତୀୟ ସମ୍ପର୍କ);



ପ୍ରଫେସର ରାଜେଶ ରୋଶନ ଦାଶ, ଡିନ୍ (ଛାତ୍ର ବ୍ୟାପାର); ପ୍ରଫେସର ଚନ୍ଦ୍ରଶେଖର ଏନ. ଭେଣ୍ଡେ, ଡିନ୍ (ପିଜି ଏବଂ ଗବେଷଣା କାର୍ଯ୍ୟକ୍ରମ); ପ୍ରଫେସର ଦିନାକର ପାସଲା, ଡିନ୍ (ପ୍ରାୟୋଜିତ ଗବେଷଣା ଏବଂ ଶିଳ୍ପ ପରାମର୍ଶ); ଶ୍ରୀ ବାମାଦେବ ଆଚାର୍ଯ୍ୟ, ରେଜିଷ୍ଟ୍ରାର; ବିଦ୍ୟାଳୟ ମୁଖ୍ୟ, ଅଧ୍ୟାପକ ଏବଂ ଗବେଷଣା ଏବଂ ଉଦ୍ୟୋଗୀତା ପାର୍କ (ଆରଇପି)ର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ପ୍ରଫେସର କରମଲକର ଏହି ସମୟରେ ଆଇଆଇଟି ଭୁବନେଶ୍ୱରର ଶିକ୍ଷାଦାନ ଏବଂ ଶିକ୍ଷା ପ୍ରକ୍ରିୟା, ଗବେଷଣା କ୍ଷେତ୍ର, ଶିଳ୍ପ-ଶିକ୍ଷା ସହଯୋଗ, ଉଦ୍ୟୋଗୀତା ବିକାଶ, ଶିକ୍ଷକ ପ୍ରଶିକ୍ଷଣ ଓ ମାନସିକ ସ୍ୱାସ୍ଥ୍ୟ ପ୍ରଚାର ଦିଗରେ ପ୍ରତିଷ୍ଠାନର ଉଲ୍ଲେଖନୀୟ ପଦକ୍ଷେପ ଏବଂ ସଫଳତା ବିଷୟରେ ବୁଝାଇଥିଲେ। ୟୁରୋପୀୟ ସଂଘର ପ୍ରତିନିଧିମାନେ ଭାରତ-ଇୟୁ ମଧ୍ୟରେ ଚାଲୁଥିବା ଏବଂ ଆଗାମୀ ସହଯୋଗୀ ପ୍ରୟାସ, ଗବେଷଣା ଫେଲୋସିପ୍ ଏବଂ ଦ୍ୱିପାକ୍ଷିକ ପାଣ୍ଠି ଯୋଜନା ସମ୍ବନ୍ଧୀୟ ଅନୁଭବ ଏବଂ ଅନ୍ତର୍ଦୃଷ୍ଟି ବାଣ୍ଟିଥିଲେ।

# ୨୩ରୁ ସହରାଞ୍ଚଳ ସମ୍ମିଳନୀ

**ଭୁବନେଶ୍ୱର,୧୬।୧୦ (ସ୍ୱାଧିକାର ନ୍ୟୁଜ):** ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ଦ୍ୱାରା ୨୩ ଓ ୨୪ ତାରିଖରେ ଭୁବନେଶ୍ୱରର ଲୋକ ସେବା ଭବନ ପରିସରରେ ଥିବା କନଭେନସନ ସେଣ୍ଟର ଅଡିଟୋରିୟମରେ ଏକ ଦୁଇଦିନିଆ ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ ଆୟୋଜନ କରାଯାଉଛି। ଏହି ସମ୍ମିଳନୀ 'ନିରନ୍ତର ସହରାଂଚଳ ବିକାଶ ଏବଂ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଦିଗରେ' ବିଷୟବସ୍ତୁ ଉପରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି) ଗୁଡ଼ିକୁ ଏକତ୍ର କରି ସହରାଂଚଳ ଶାସନ, ସେବା ପ୍ରଦାନ ଏବଂ ନିରନ୍ତର ଅଭିବୃଦ୍ଧିର ପ୍ରମୁଖ ଦିଗ ଉପରେ ବିଚାର-ବିମର୍ଶ ହେବ। ସମ୍ମିଳନୀକୁ ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସମେତ ବିଭିନ୍ନ ସହରାଂଚଳ ଅନୁଷ୍ଠାନର ପ୍ରତିନିଧି ଏବଂ ରାଜ୍ୟର ସମସ୍ତ ୟୁଏଲବିର ପ୍ରତିନିଧିମାନେ ଏହି ଆଲୋଚନାରେ ଅଂଶଗ୍ରହଣ କରିବେ।

# ଲାଲୁଙ୍କ ଦୁର୍ନୀତି

ଇସ୍ରାଏଲ ଆକ୍ରମଣରେ ପ୍ରାୟ ୭୦ ହଜାର ଲୋକ ପ୍ରାଣ ହରାଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ମହିଳା ଓ ଶିଶୁ ମଧ୍ୟ ଅଛନ୍ତି। ପ୍ରତ୍ୟକ୍ଷ ଯୁଦ୍ଧରେ ଯେତିକି ଲୋକ ପ୍ରାଣ ହରାଇଛନ୍ତି, ତାଠାରୁ ଅଧିକ ଅନାହାର ଏବଂ ଚିକିତ୍ସା ଅଭାବରୁ ପ୍ରାଣ ହରାଇଛନ୍ତି। ଏବେ ଶାନ୍ତି ଚୁକ୍ତି ପରେ ଗାଜା ଛାଡ଼ିଥିବା ଅନେକ ବ୍ୟକ୍ତି ପୁଣି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରୁଛନ୍ତି। ଶାନ୍ତି ଚୁକ୍ତି ମୁତାବକ ହମାସ ୨୦ଜଣ ଇସ୍ରାଏଲ ପଣବନ୍ଦୀଙ୍କୁ ମୁକ୍ତ କରିଛି। ଆଉ କେହି ଜୀବିତ ପଣବନ୍ଦୀ ହମାସ କବଜାରେ ନାହାଁନ୍ତି। ପ୍ରତିବଦଳରେ ଇସ୍ରାଏଲ ପ୍ରାୟ ୨୦୦୦ ଯୁଦ୍ଧ ବନ୍ଦୀଙ୍କୁ ମୁକ୍ତ କରିବାକୁ ରାଜି ହୋଇଛି। ଏହି ଶାନ୍ତି ଚୁକ୍ତି ଲାଗି ଅନେକ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଶ୍ରେୟ ଦେଉଛନ୍ତି। ଏଥିରେ କିଛି ସନ୍ଦେହ ନାହିଁ। ଟ୍ରମ୍ପ ପ୍ରଥମ ଥର ଲାଗି ଜଣେ ବିଶ୍ୱନେତା ଭଳି କାମ କରିଛନ୍ତି। ଗତ ବର୍ଷ ଅନୁଷ୍ଠିତ ଆମେରିକା ରାଷ୍ଟ୍ରପତି ନିର୍ବାଚନ ପ୍ରଚାର ବେଳେ ଟ୍ରମ୍ପ କ୍ଷମତାକୁ ଆସିଲେ ଇସ୍ରାଏଲ-ହମାସ ଲଢ଼େଇ ବନ୍ଦ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଳମ୍ବରେ ହେଉ ପଛେ ସେ ତାଙ୍କ ପ୍ରତିଶ୍ରୁତି ରକ୍ଷା କରିଛନ୍ତି। ତାଙ୍କ ଧମକ ଏବଂ ନିର୍ଦ୍ଦେଶ ଆଗରେ ହମାସ ମୁଣ୍ଡ ନୁଆଁଇଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ମଧ୍ୟ ଟ୍ରମ୍ପଙ୍କ କଥାରେ ରାଜି ହେଲେ। ତେବେ ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିବା ବ୍ୟତିତ ଉଭୟଙ୍କ ନିକଟରେ ଅନ୍ୟ କିଛି ବିକଳ୍ପ ନଥିଲା। ଦୁଇ ବର୍ଷର ଲଢ଼େଇରେ ହମାସର ଅନେକ ଟପ ନେତା ପ୍ରାଣ ହରାଇଛନ୍ତି। ଇସ୍ରାଏଲ ସେନା ସେମାନଙ୍କୁ ଲୁଚିଥିବା ସ୍ଥାନରୁ ଖୋଜି ଖୋଜି ହତ୍ୟା କରିଛି। ଗତ ମାସରେ ହମାସର ଜଣେ ଟପ ନେତା କାଟାରର ଦୋହାରେ ଲୁଚି ଥିଲେ। ଇସ୍ରାଏଲ ସେନା ଏହାକୁ ଟାର୍ଗେଟ କରି ଡ୍ରୋନ ଆକ୍ରମଣ କରିଥିଲା। ହମାସ ନେତା ଅଳ୍ପକେ ବର୍ତ୍ତିଗଲେ ସତ୍ୟ, ମାତ୍ର ଏହି ଘଟଣା ପରେ ହମାସର ବୁଦ୍ଧି ହଜିଯାଇଥିଲା। ବିଶ୍ୱର ଯେ କୌଣସି ସ୍ଥାନରେ ଲୁଚିଲେ ମଧ୍ୟ ସେମାନଙ୍କୁ ଆଉ ନିସ୍ତାର ନାହିଁ ବୋଲି ସେମାନେ ଅନୁଭବକ କଲେ। ତେଣୁ ସେମାନେ ଇସ୍ରାଏଲ ସହ ଶାନ୍ତି ଚୁକ୍ତି ଲାଗି ବାଧ୍ୟ ହେଲେ। ଏଥିଲାଗି ଟ୍ରମ୍ପ ନୋବେଲ ପୁରସ୍କାର ପାଇବାକୁ ଆଶା ବାନ୍ଧିଛନ୍ତି। ପାକିସ୍ତାନ ଓ ଇସ୍ରାଏଲ ଭଳି ଆମେରିକାର ଗୋଡ଼ାଣିଆ ଦେଶମାନେ ଏହାକୁ ଅତି ନିର୍ଲଜ ଭାବେ ସମର୍ଥନ କରିଛନ୍ତି। ହମାସ ସହ ଶାନ୍ତି ଚୁକ୍ତି ଲାଗି ଇସ୍ରାଏଲ ମଧ୍ୟ ବାଧ୍ୟ ହୋଇଥିଲା। ଦୁଇ ବର୍ଷର ଯୁଦ୍ଧରେ ଇସ୍ରାଏଲ ଅନେକ କ୍ଷତିର ସମ୍ମୁଖୀନ ହୋଇଛି। ଏହାର ଚାରିପଟେ ଅନ୍ୟ ଇସଲାମିକ ରାଷ୍ଟ୍ର ସହ ଇସ୍ରାଏଲକୁ ଲଢ଼ିବାକୁ ପଡ଼ିଛି। ସାରା ବିଶ୍ୱରେ ଇସ୍ରାଏଲ ବିରୋଧରେ ଜନମତ ସୃଷ୍ଟି ହୋଇଥିଲା। ତେଣୁ ଇସ୍ରାଏଲ ଆଉ କାଳବିଳମ୍ବ ନକରି ଶନ୍ତି ଚୁକ୍ତିରେ ସ୍ୱାକ୍ଷର କରିବା ଶ୍ରେୟସ୍କାର ହେବ ବୋଲି ବିଚାର କଲା। ଇଜିପ୍ଟରେ ଗାଜା ଶାନ୍ତି ଆଲୋଚନାରେ ଏହା ଟ୍ରମ୍ପଙ୍କ ସବୁ ସର୍ତ୍ତକୁ ଗ୍ରହଣ କରି ନେଲା। ଏହା ସ୍ୱାଗତଯୋଗ୍ୟ। କିନ୍ତୁ ଏହାର ସ୍ଥାୟୀ ସମାଧାନ ହେବା ଉଚିତ। ଇସ୍ରାଏଲ ଓ ପାଲେଷ୍ଟୋଇନ ମଧ୍ୟରେ ଦୀର୍ଘ ବର୍ଷ ହେବ ଯେଉଁ ବିବାଦ ଲାଗି ରହିଛି ତାହା ଏତେ ସହଜରେ ଦୂର ହୋଇଯିବ ବୋଲି ବିଶ୍ୱାସ କରି ହେଉନାହିଁ। ଇରାନ, ଲେବାନନ, ସିରିଆ, ୟେମେନ ଆଦି ଦେଶ ସହ ଇସ୍ରାଏଲର ଦୀର୍ଘ ବର୍ଷର ବିବାଦ ରହିଛି। ଯଦି ଟ୍ରମ୍ପ ଏହାର ସମାଧାନ କରିବାରେ ସଫଳ ହେବେ ତେବେ ଏହା ସେ ବାସ୍ତବରେ ନୋବେଲ ଶାନ୍ତି ପୁରସ୍କାର ଲାଗି ଦାବିଦାର ହୋଇପାରିବେ। ହମାସ ଭଳି ଏକ ମୌଳବାଦୀ ଏବଂ ଆତଙ୍କୀ ସଙ୍ଗଠନକୁ ବିଶ୍ୱାସ ନାହିଁ। ଏହା କିଛି ବର୍ଷ ମଧ୍ୟରେ ନିଜର ଶକ୍ତି ସଞ୍ଚୟ କରି ପୁନର୍ବାର ଆଭିମୁଖ୍ୟ ବଦଳାଇବାରେ ବିଚିତ୍ରତା ନାହିଁ।

# ମଧୁମେହରେ ଅବହେଳା ନେଇପାରେ ଜୀବନ !

**॥ ଡଃ ମହମ୍ମହ ଇମ୍ରାନ୍ ଅଲୀ ॥**

*ସେହିପରି ଅପରାଜିତା (ଛଦ୍ମନାମ)ଙ୍କ କାହାଣୀ ମଧ ଖୁବ୍ ଶିକ୍ଷଣୀୟ ଏବଂ ବେଦନାଦାୟକ। ଅପରାଜିତା ଏକ କଲେଜ ପଢୁଆ ଝିଅ। କିଛି ବର୍ଷ ପୂର୍ବରୁ ତାଙ୍କର ମଧୁମେହ ବା ଡାଇବେଟିସ୍ ଚିହ୍ନଟ ହେଲା। ନିୟମିତ ଔଷଧ ସେବନ କରିବା ସହିତ ସୁସ୍ଥ ଥାଆନ୍ତି ଅପରାଜିତା। ସେ ଏକ ଅବିବାହିତ ଝିଅ ହୋଇଥିବାରୁ ପରିବାରର ଲୋକେ ଖୁବ୍ ଚିନ୍ତିତ ହେଲେ ଏବଂ ସ୍ଥିର କଲେ ଯେ, ଅପରାଜିତାଙ୍କର ଡାଇବେଟିସ୍ ବିଷୟରେ କାହା ସହିତ ଆଲୋଚନା କରିବେ ନାହିଁ।*

ମଧୁମେହ ବା ଡାଇବେଟିସ୍ ଆଜିକାର ସମୟର ଆଉ ଏକ ନୂତନ ସମସ୍ୟା ନ ହୋଇ ବରଂ ଘର ଘରର କାହାଣୀ ପାଲଟିଲାଣି। ଦିନ ଥିଲା କାଁ ଭାଁ ବିଶେଷ କରି ବୟସ୍କ ଲୋକଙ୍କୁ ଏହି ରୋଗରେ ପୀଡ଼ିତ ହେବାର ଦେଖାଯାଉଥିବା ବେଳେ ବର୍ତ୍ତମାନ ଯୁବବର୍ଗ ଠାରୁ ବୟସ୍କ ଏପରିକି ଶିଶୁମାନଙ୍କୁ ମଧ ଏହି ରୋଗରେ ପୀଡ଼ିତ ହେବାର ମଧ ନଜିର ସାମ୍ନାକୁ ଆସୁଛି। ଏହି ରୋଗର ନିୟନ୍ତ୍ରଣ ଏବଂ ଚିକିତ୍ସା ଗାଁ'ଠୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠାରେ ସରକାର ଉପଲବ୍ଧ କରାଉଛନ୍ତି। ମାତ୍ର ଏହି ରୋଗର ଚିକିତ୍ସା ଦୀର୍ଘମିଆଦୀ ଅବା ଜୀବନସାଥୀ ହୋଇଥିବାରୁ ଆମକୁ ଏ ଦିଗରେ ଅନେକ ସତର୍କ ସଜାଗ ଏବଂ ସଚେତନ ହେବାର ଘୋର ଆବଶ୍ୟକତା ରହିଛି। ଏହି ରୋଗକୁ ନେଇ ଅନେକ କୁବିଶ୍ୱାସ ଆମ ସମାଜରେ ରହି ଆସିଅଛି। ସେଥିପାଇଁ ଏହି ସମସ୍ୟା ସହିତ ଜଡ଼ିତ କୁବିଶ୍ୱାସ ଏବଂ ଅବହେଳା ବିଷୟରେ ଅବଗତ ହୋଇ ନିୟମିତ ଭାବରେ ରୋଗୀ ଯଦି ଚିକିତ୍ସା ନ କରାନ୍ତି ତେବେ ସାଂଘାତିକ ପରିସ୍ଥିତି ଉପୁଜିବାର ମଧ ଅନେକ ସମ୍ଭାବନା ରହିଛି। ରୋଗୀଦ୍ୱାରା ହେଉଥିବା ବିଭିନ୍ନ ଅବହେଳା ଉପରେ ଆଧାରିତ ସତ୍ୟ ଘଟଣାବଳୀକୁ ମୁଁ ଏହି ଲେଖାରେ ବର୍ଣ୍ଣନା କରିଛି। ମାତ୍ର ନାଁ କୁ ଛଦ୍ମ ରଖାଯାଇ ଆଲୋଚନା କରାଯାଇଅଛି।

ରୀନା ସାମଲ (ଛଦ୍ମନାମ)ଙ୍କ ବାପାଙ୍କ କାହାଣୀ ଅତି ଦୁଃଖଦାୟକ ଏବଂ ହୃଦୟବିଦାରକ। ଏହି କାହାଣୀଟି ମଧ ଅନ୍ୟ ମଧୁମେହ ରୋଗୀଙ୍କ ପାଇଁ ବହୁତ ଶିକ୍ଷଣୀୟ ମଧ। ରୀନାଙ୍କ ବାପା ରାଜେନ୍ଦ୍ରବାବୁ (ଛଦ୍ମନାମ) ଏକ ଘରୋଇ ସଂସ୍ଥାରେ ଋକିରି କରିଥାଆନ୍ତି। ଦୀର୍ଘ ଦିନଠାରୁ ତାଙ୍କୁ ମଧୁମେହ ଥାଏ। ପରିବାର ସାଙ୍ଗରେ ସହରରେ ରହୁଥାନ୍ତି ରାଜେନ୍ଦ୍ରବାବୁ। ପରିବାରର ସମସ୍ତ ଯତ୍ନ ତଥା ନିୟମିତ ରୋଗ ପରୀକ୍ଷା ଏବଂ ଔଷଧ ସେବନରେ କେବେ ଅବହେଳା ହୁଏନାହିଁ। ସେଇଥିପାଇଁ ସେ ସୁସ୍ଥ ଜୀବନ ଅତିବାହିତ କରୁଥାନ୍ତି। ଏହାରି ଭିତରେ ଜୀବନରେ କିଛି ପରିବର୍ତ୍ତନ ଆସିଲା। ଗାଁରେ ଘର ତୋଳି ପରିବାର ସଦସ୍ୟ ତଥା ସ୍ତ୍ରୀ ଏବଂ ପିଲାମାନଙ୍କୁ ଗାଁରେ ରହିବା ପାଇଁ ଛାଡ଼ି ଆସିଲେ ରାଜେନ୍ଦ୍ରବାବୁ ଏବଂ ନିଜେ ସହରରେ ଏକା ରହିବା ଆରମ୍ଭ କଲେ। ସ୍ତ୍ରୀ ଏବଂ ପିଲାଙ୍କର ତାଗିଦ୍ ସତ୍ତ୍ୱେ ନିୟମିତ ଡାଇବେଟିସ୍ ପରୀକ୍ଷା କରିବା ପରିବର୍ତ୍ତେ ସେହି ପୁରୁଣା ଔଷଧକୁ ସେବନ କରୁଥାନ୍ତି ରାଜେନ୍ଦ୍ରବାବୁ। ଘର ରୋଷେଇ ଖାଇବା ପରିବର୍ତ୍ତେ ଅତ୍ୟାଧିକ ତେଲଯୁକ୍ତ ଖାଦ୍ୟ ଆହାର କରିବା ସହିତ ଫାଷ୍ଟଫୁଡ଼୍‌କୁ ନିଜର ଦୈନନ୍ଦିନର ଖାଦ୍ୟ ହିସାବରେ ଗ୍ରହଣ କରିବାକୁ ଲାଗିଲେ। ତାଙ୍କ ଝିଅଙ୍କ କହିବା ଅନୁଯାୟୀ ଯେବେ ଦେହ ବେଶୀ ଖରାପ ଅନୁଭବ ହୁଏ ସେହି ପୁରୁଣା ଔଷଧକୁ ଡାକ୍ତରଙ୍କ ବିନା ପରାମର୍ଶରେ ଡୋଜ୍ ବଢ଼େଇ ଦିଅନ୍ତି ତାଙ୍କ ବାପା। ଏହିଭଳି କିଛି ମାସ ଅତିବାହିତ ହେଲା, ଦିନେ ଦୁର୍ଘଟଣାବଶତଃ ଗୋଡ଼ ଖଣ୍ଡିଆ ହେଲା ଏବଂ ଆସ୍ତେ ଆସ୍ତେ ଏକ ବଡ଼ ଘା'ର ରୂପ ନେଲା। ରାଜେନ୍ଦ୍ରବାବୁ କଟକ ବଡ଼ ଡାକ୍ତରଖାନାରେ ଡାକ୍ତରଙ୍କୁ ଦେଖାଇଲେ। ଡାକ୍ତର ପ୍ରାରମ୍ଭିକ ଔଷଧ ଲେଖିବା ସହିତ ସର୍ଜରୀ ବିଭାଗରେ ପରାମର୍ଶ କରିବା ପାଇଁ ଜଣାଇଲେ। ମାତ୍ର ରାଜେନ୍ଦ୍ରବାବୁ ଡାକ୍ତରଙ୍କ କଥାକୁ ଧର୍ମକୁ ଆଖି ଠାର ଦେଇ ଘରକୁ ଫେରିଆସିଲେ। ଘରେ ଆସି ଯୁକ୍ତି ବାଢ଼ିଲେ ଯେ ମୋର ସେଭଳି କୌଣସି ବଡ଼ ଅସୁବିଧା ହୋଇନାହିଁ ଏବଂ ଆସ୍ତେ ଆସ୍ତେ ଘା' ମଧ ଶୁଖିଯିବ। ରାଜେନ୍ଦ୍ରବାବୁଙ୍କର ଏହି ଯୁକ୍ତି ଆସ୍ତେ ଆସ୍ତେ ଭୁଲ୍ ପ୍ରମାଣିତ ହେବାକୁ ଲାଗିଲା, କାରଣ ଘା' ବଢ଼ିବା ସହିତ ଗୋଡ଼ ପାଚିବାକୁ ଲାଗିଲା। ବର୍ତ୍ତମାନ ପରିବାରର ଲୋକ ଜବରଦସ୍ତ କଟକ ମେଡ଼ିକାଲ୍‌ରେ ପରାମର୍ଶ କରିଲେ। ପରୀକ୍ଷା ପରେ ଜଣାପଡ଼ିଲା ଯେ, ରାଜେନ୍ଦ୍ରବାବୁଙ୍କର ଗୋଡ଼ କାଟିବାକୁ ପଡ଼ିବ। କିନ୍ତୁ ଡାଇବେଟିସ୍ ୪୦୦ରୁ ଉର୍ଦ୍ଧ୍ୱ ତେଣୁ ବର୍ତ୍ତମାନ ଅସ୍ତ୍ରୋପଚାର ମଧ ଶୀଘ୍ର ସମ୍ଭବ ନୁହେଁ। ଡାକ୍ତର ମଧ ଜଣାଇଲେ ଯେ ରାଜେନ୍ଦ୍ରବାବୁଙ୍କର କିଡ୍‌ନୀ ଏବଂ ହୃଦ୍ ମଧ ବହୁ ପରିମାଣରେ ଖରାପ ହୋଇଛି। ବର୍ତ୍ତମାନ ପରିବାର ଉପରେ ଅଚାନକ ଜବରଦସ୍ତ ଚଡ଼କ ପଡ଼ିବାର ଉପଲବ୍ଧି ହେଲା ତଥାପି ପରିବାର ଲୋକ ଚିକିତ୍ସା କରାଇଲେ ମାତ୍ର ୭ ଦିନ ପରେ ରାଜେନ୍ଦ୍ରବାବୁଙ୍କର ଦେହାନ୍ତ ହେଲା।

ସେହିପରି ଅପରାଜିତା (ଛଦ୍ମନାମ)ଙ୍କ କାହାଣୀ ମଧ ଖୁବ୍ ଶିକ୍ଷଣୀୟ ଏବଂ ବେଦନାଦାୟକ। ଅପରାଜିତା ଏକ କଲେଜ ପଢୁଆ ଝିଅ। କିଛି ବର୍ଷ ପୂର୍ବରୁ ତାଙ୍କର ମଧୁମେହ ବା ଡାଇବେଟିସ୍ ଚିହ୍ନଟ ହେଲା। ନିୟମିତ ଔଷଧ ସେବନ କରିବା ସହିତ ସୁସ୍ଥ ଥାଆନ୍ତି ଅପରାଜିତା। ସେ ଏକ ଅବିବାହିତ ଝିଅ ହୋଇଥିବାରୁ ପରିବାରର ଲୋକେ ଖୁବ୍ ଚିନ୍ତିତ ହେଲେ ଏବଂ ସ୍ଥିର କଲେ ଯେ, ଅପରାଜିତାଙ୍କର ଡାଇବେଟିସ୍ ବିଷୟରେ କାହା ସହିତ ଆଲୋଚନା କରିବେ ନାହିଁ। ଏହାରି ଭିତରେ ଅପରାଜିତାଙ୍କର ବିବାହ ଠିକ୍ ହେଲା। କିନ୍ତୁ ଶ୍ୱଶୁରଘର ଲୋକଙ୍କୁ ତାଙ୍କ ମଧୁମେହ ବିଷୟରେ ଜଣାଇବାକୁ ପରିବାରର ଲୋକ ଡରିଲେ। ଏହି ବିବାହରେ ଝିଅ, ପୁଅ ଉଭୟ ପରସ୍ପରକୁ ସ୍ୱୀକାର କରୁଥିଲେ ସେଥିପାଇଁ ପୁଅ ମଧ ଏହି ରୋଗ ବିଷୟରେ ଗୁପ୍ତ ରଖିବା ପାଇଁ ରାଜି ହେଲେ। ବିବାହର କିଛିଦିନ ପୂର୍ବରୁ ଔଷଧ ଖାଇବା ବନ୍ଦ କରିବା ସହିତ ବିଭିନ୍ନ ପ୍ରକାରର ତେଲବିଶିଷ୍ଟ ଗରିଷ୍ଠ ଖାଦ୍ୟ ଖାଇବାରେ ଲାଗିଲେ ଅପରାଜିତା। ଏବଂ ବିବାହ ପରେ ମଧ ନା ଔଷଧ ସେବନ କଲେ ନା ଖାଦ୍ୟରେ ରହିଲା ନିୟନ୍ତ୍ରଣ। ପରିଣାମସ୍ୱରୂପ ଦେହ ଖରାପ ହୋଇ ଡାକ୍ତରଖାନା ଆସିଲେ ଅପରାଜିତା। ବର୍ତ୍ତମାନ ଡାକ୍ତର ବଟିକା ପରିବର୍ତ୍ତେ ଦିନକୁ ଦୁଇଥର ଇନ୍‌ସୁଲିନ୍ ଦେବା ପାଇଁ ପରାମର୍ଶ ଦେଲେ।

ଏଠି କହି ରଖିବା ପାଇଁ ଋହୁଁଛି ଯେ, ମଧୁମେହ ରୋଗ କେବେ ଲିଙ୍ଗଗତ ଭେଦଭାବ ବୁଝେନାହିଁ ମାତ୍ର ସମାଜରେ ଥିବା ଲିଙ୍ଗଗତ ଭେଦଭାବ ଆଜି ବି ଜଣେ ଝିଅ ବା ନାରୀକୁ ରୋଗ ଚିକିତ୍ସାରେ ଅନେକ ବାଧା ତିଆରି କରୁଛି। ଏକ ଡାଇବେଟିସ୍ କ୍ଲିନିକ୍‌ରେ କାର୍ଯ୍ୟରତ ପରାମର୍ଶଦାତାଙ୍କ କହିବା ଅନୁଯାୟୀ ଅନେକ ଗାଁରେ ଏବେବି ଡାଇବେଟିସ୍ ସମ୍ବନ୍ଧରେ ମିଥ୍ୟା ଧାରଣା ପ୍ରଚଳିତ ଅଛି। କିଛି ଦିନର ଔଷଧ ସେବନ ପରେ ରୋଗୀ ଭାବନ୍ତି ଯେ, ମଧୁମେହ ଭଲ ହୋଇଗଲା ଏବଂ ନିଜେ ନିଜେ ଔଷଧ ସେବନ ବନ୍ଦ କରିଦିଅନ୍ତି। ଏଥିପାଇଁ ରୋଗ ଆହୁରି ବଢ଼ିଯାଏ ଏପରିକି ଗୋଡ଼ରେ ଘା' ହେବା ସହିତ କିଡ୍‌ନୀ ରୋଗ, ହୃଦ୍‌ରୋଗ ଏବଂ ଆଖି ନଷ୍ଟ ହେବାର ମଧ ଦେଖା ଯାଉଅଛି। ଆଉ କିଛି ରୋଗୀ ଗାଁରେ ଥିବା କ୍ୱାକ୍ ଠାରୁ ଚିକିତ୍ସା କରାଇ ଅନେକ ଅସୁବିଧାର ସମ୍ମୁଖୀନ ହୁଅନ୍ତି ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରନ୍ତି। ସେହିପରି କିଛି ରୋଗୀ ନିଜେ ବ୍ୟବହାର କରୁଥିବା ମଧୁମେହ ରୋଗର ଔଷଧକୁ ଅନ୍ୟ ଏକ ରୋଗୀଙ୍କୁ ଖାଇବାକୁ ମଧ ଦେଇଥାନ୍ତି। ଏହା ଫଳରେ ଉକ୍ତ ରୋଗୀ ଅନେକ ସମସ୍ୟାରେ ପଡ଼ିବାର ସମ୍ଭାବନା ଯଥେଷ୍ଟ ଅଧିକ ରହିଛି। ଅନେକ ରୋଗୀ ୟୁ-ଟ୍ୟୁବ୍ ଦେଖି ନିଜେ ନିଜେ ଔଷଧ ସେବନ କରି ମଧ ହଇରାଣ ହେବାର ମଧ ନଜିର ସାମ୍ନାକୁ ଆସୁଛି। ସେହିପରି ଅନେକ ରୋଗୀ ଔଷଧ ସେବନ ନିୟମିତ କଲା ପରେ ଭାବନ୍ତି ତାଙ୍କୁ ଆଉ ଔଷଧ ଖାଇବାର ଆବଶ୍ୟକତା ନାହିଁ। ଯାହା ଫଳରେ, ତାଙ୍କର ମଧୁମେହ ବହୁତ ବଢ଼ିଯାଏ। ଏକ ସ୍ୱତନ୍ତ୍ର ସାକ୍ଷାତକାରରେ ପ୍ରସିଦ୍ଧ ଡାଇବେଟିସ୍ ରୋଗ ବିଶେଷଜ୍ଞ ଡ. ଅଭୟ କୁମାର ସାହୁ କହିଛନ୍ତି ଯେ, ଡାଇବେଟିସ୍ ନିୟନ୍ତ୍ରଣରେ ଔଷଧର ପଚିଶ ପ୍ରତିଶତ ଭୂମିକା ଥିବାବେଳେ ଖାଦ୍ୟ ପରିବର୍ତ୍ତନ ତଥା ନିୟନ୍ତ୍ରଣ ଏବଂ ବ୍ୟାୟାମର ପଞ୍ଚସ୍ତରୀ ପ୍ରତିଶତ ଭୂମିକା ରହିଛି। ସେହିଭଳି ବର୍ତ୍ତମାନ ଡାଇବେଟିସ୍ ଚିକିତ୍ସା ବିଷୟରେ ଅନେକ ମିଛ ଏବଂ ଅବୈଜ୍ଞାନିକ କଥା ହ୍ୱାଟ୍‌ସଆପ୍‌ରେ ଘୂରି ବୁଲୁଛି। ଡ. ଅଭୟ କୁହନ୍ତି, ଡାଇବେଟିସ୍ ଚିକିତ୍ସାରେ ହ୍ୱାଟ୍‌ସଆପ୍ ଜ୍ଞାନ ଉପରେ ଭରସା ନକରି ବରଂ ବିଶେଷଜ୍ଞଙ୍କର ପରାମର୍ଶ ଅନୁଯାୟୀ ଚିକିତ୍ସା କରାଇଲେ ଜଣେ ମଧୁମେହ ରୋଗୀ ସୁସ୍ଥ ଜୀବନ ଯାପନ କରିପାରିବ।ଋଲନ୍ତୁ, ଡାଇବେଟିସ୍ ପ୍ରତି ସଜାଗ ହୋଇ ନିୟମିତ ବ୍ୟାୟାମ କରିବା ସହିତ ଡାକ୍ତରୀ ପରାମର୍ଶ ଅନୁଯାୟୀ ଔଷଧ ସେବନ କରିବା, ଖାଦ୍ୟ ଖାଇବାରେ ଡାକ୍ତରଙ୍କର ପରାମର୍ଶକୁ ଅକ୍ଷରେ ଅକ୍ଷରେ ପାଳନ କରିବା ସହିତ ଚିନ୍ତାମୁକ୍ତ ଜୀବନ ବଞ୍ଚିବା ପାଇଁ ଚେଷ୍ଟା କରିବା, ଯାହାଦ୍ୱାରା ଡାଇବେଟିସ୍‌କୁ ନିୟନ୍ତ୍ରଣ କରିବା ସହିତ ସୁସ୍ଥ ଏବଂ ଦୀର୍ଘାୟୁ ହୋଇପାରିବା।

ମୋ-୯୪୩୮୭୪୭୩୨୦

# ମନ୍ଥନ

**॥ ଅଜୟ କୁମାର ବେହେରା ॥**

ଏପରି ଶବ୍ଦଟି ବହୁ କ୍ଷେତ୍ରରେ ଲାଗେ। ଦଧି ମନ୍ଥନରେ ଦଧିରୁ ଲହୁଣୀ ଅଲଗା, ଚକ୍ର ପ୍ରସ୍ତୁତ ଦହି ଛେନା ଘିଅ ହେଉଥିଲା ଏପରି ସମୟ ଆସିଲା କଞ୍ଚାକ୍ଷୀର ମନ୍ଥନରୁ ଏପରି ଲହୁଣି ଅଲଗା କରାଗଲାଣି। ବୈଦ୍ୟମାନେ ଖଲରେ କୁଟି ଘୋଟି ଏକ ପ୍ରକାର ମନ୍ଥନ କରି ବିଭିନ୍ନ ଔଷଧ ରୋଗ ନିବାରଣ ପାଇଁ କରୁଛନ୍ତି। ଗୁଡ଼କୁ ବିଭିନ୍ନ ଦ୍ରବକରସାୟନ ମିଶ୍ରଣରେ ନେଇ ମନ୍ଥନ କରି ସ୍ପିରିଟ ଓ ମଦ୍ୟ ପ୍ରସ୍ତୁତ କରାଯାଉଛି। ତରକାରୀ ଡାଲି ଏବି ଡଙ୍କା ଚରଖା ମାରି ମନ୍ଥନ କରାଯାଉଛି। ଭୋଟ ପାଇଁ ବିଭିନ୍ନ ପ୍ରକାର ଧ୍ୱନୀ ଦଳର ଜୟଜୟକାର ପ୍ରାର୍ଥୀ ବ୍ୟକ୍ତିଙ୍କର ଜୟଜୟକାର ଧ୍ୱନୀରେ ଏକ ପ୍ରକାର ମନ୍ଥନ ବା ଆଲୋଡ଼ନ କରି ଭୋଟ ଆୟତ ଚେଷ୍ଟା ଚାଲିଛି।

ଦିନେ ଦେବତା ଓ ଅସୁରମାନେ ବହୁ ବନୌଷଧିର ନିର୍ଯ୍ୟାସ, ସାଗର ଜଳରେ ମିଶାଇ ସାଗର ମନ୍ଥନ କରିଥିଲେ। ସେଥିରୁ ଅନେକ ଦେବ ଭୋଗ୍ୟ ବସ୍ତୁ ବାହାରି ଥିଲା ହେଲେ ରାକ୍ଷସ ଭୋଗ୍ୟ ମଦ୍ୟ ବି ବାହାରି ଥିଲା। ଅପସରା ମିଳିଥିଲେ ଅପ୍ ମାନେ ଜଳ ଜଳରୁ ଅପସାରଣ ଯୋଗୁ ତାଙ୍କୁ ଅପସରା କୁହାଯାଏ। ଯେଉଁ ଚୀର ଯୌବନ, ଏହାଙ୍କୁ ଦେବ ସଭାରେ ରଖାଗଲେ ବି ରାକ୍ଷସଙ୍କ ଲୋଲୁପ ଦୃଷ୍ଟି ସର୍ବଦା ତାଙ୍କ ଉପରେ ରହିଆସିଛି। ଏହି ଅପସରାମାନେ ମନୁଷ୍ୟ ତପସ୍ୱୀଙ୍କୁ ତପ କାଳରେ ମାୟାରେ ପକାଇ ତପର ଦିଗଭ୍ରାନ୍ତ କରନ୍ତି। ମହାସାଧକ ବିଶ୍ୱାମିତ୍ର ଏଥିରୁ ବାଦ ନଥିଲେ। କାଳକୂଟ ବିଷ ବି ଏ ମନ୍ଥନରୁ ମିଳିଥିଲା ଏହାକୁ ଦେଖି ତାର ଜ୍ୱାଳାରେ ଦେବ ଅସୁର ତ୍ରାହି ତ୍ରାହି ଡାକ ଦେଉଥିଲେ ଶେଷରେ ଖୋଦ ଶଙ୍କର ତାକୁ ପାନ କରି ଗଳାରେ ଧାରଣ କରିଥିଲେ। ବିଷ ନୀଳବର୍ଣ୍ଣ ଯୋଗୁଁ ଶଙ୍କରଙ୍କ ନାମ ନୀଳକଣ୍ଠ ହୋଇଗଲା। ଇଏ ଥିଲା ସମୁଦ୍ର ମନ୍ଥନ କାହିଁ ପ୍ରାକ କାଳର ପୁରାଣ ପ୍ରମାଣ ହେଲେ ଏ ଯୁଗରେ ଆଉ ଦିଓଟି ମନ୍ଥନ ମନୁଷ୍ୟଙ୍କ ଦ୍ୱାରା ଭିନ୍ନ ଭିନ୍ନ ଚିନ୍ତାଧାରାରେ ହେବାକୁ ଲାଗିଛି। ପୃଥି ଗର୍ଭ ମନ୍ଥନ, ଆକାଶ ମନ୍ଥନ। ପୃଥିଗର୍ଭ ମନ୍ଥନରୁ ଲୋକେ ପ୍ରଥମେ ଜଳ ପାଇବା ଚେଷ୍ଟାରେ ରହିଲେ। ପରେ ପରେ ଜାଳେଣୀ ତେଲ, କୋଇଲା, ଗ୍ୟାସ ଖୋଜ ରହିଲା। ହିରଣ୍ୟଗର୍ଭ ପୃଥିବୀର ଅନ୍ୟନାମ ଯୋଗୁଁ ସୁନା ଖଣି ଖୋଜ ହେଲା ପରେ ବିଭିନ୍ନ ଧାତୁ ଦ୍ରବ୍ୟ ଖୋଜରେ ଆସିଗଲାଣି। ପରମାଣୁର ଇନ୍ଧନ ମଧ ୟୁରାନିୟମ, ପ୍ଲୁଟୋନିୟମ, ଥୋରିୟମ ଖୋଜା ଚାଲିଛି। ଚାଲାକ ଦେଶମାନେ ନିଜ ଭୂମିରୁ ଏହାକୁ ଉଠାଇବା କାର୍ଯ୍ୟ ମନ ନଦେଇ ବାହାରୁ ଧନ ଥୋପ ଦ୍ରବ୍ୟ ବଦଳ ଥୋପରେ କ୍ରୟ ମାଟି ମୂଲ୍ୟରେ ନେଉଛନ୍ତି। ଶେଷରେ ଖଣିଜ ପଦାର୍ଥ ଶେଷ ହେଲେ ସେମାନେ ତାଙ୍କର ଭଣ୍ଡାର ଖୋଲି କାନମୋଡ଼ି ଅର୍ଥ ସଂଗ୍ରହ କରିବେ। ତେଲ ଖଣି ଥିବା ଦେଶ ଧନ କୁବେର ତାଙ୍କର ଶସ୍ୟଭୂମି ଦୁର୍ଲଭ, ସେମାନେ ତେଲ ବଦଳରେ ଖାଦ୍ୟଶସ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ସୁଲଭରେ ପାଇଯାଉଛନ୍ତି।

ଭାରତ ପରି ଦେଶରେ ରାସ୍ତାଘାଟ ପ୍ରସ୍ତୁତ ପାଇଁ ଅପାୟିତ ଧନ ଋଣ ଦୀର୍ଘ ମିୟାଦୀ କାଳରେ ଋଣ ଦେଇ ରାସ୍ତା ପ୍ରସ୍ତୁତ କରାଉଛନ୍ତି ଓ ମଟର ଯାନ ଶିଳ୍ପ ମାନଙ୍କୁ ସେମିତି ଋଣ ଦେଇ ମଟର ସାଇକେଲ ସ୍କୁଟି, ଟେମ୍ପୁ, ବଡ଼ ବଡ଼ ବସ, ମଟର କାର, କାରଖାନା କରାଉଛନ୍ତି। ଏହାପଛରେ ଅଛି ତେଲ ଦର ବେଳକୁ ବେଳ ବୃଦ୍ଧି କରିବା ଚେଷ୍ଟା ଯାହା ନିଶାଖୋର ଭଳି ଯାନ ମାଲିକ ଯାନ ଛାଡ଼ି ଚଳିପାରିବେ ନାହିଁ। ଯାନର ଭଡ଼ା ବଢ଼ିବ ଯାତ୍ରୀ ହିଁ ତେଲ ପଇସା ପରୋକ୍ଷରେ ଦେଇଚାଲିବେ। ସୁନା ଖଣି ମିଳୁଛି କିନ୍ତୁ ସୁନା ଦାମ କେବେ କମିନପାରେ। ଲୁହା, ତମ୍ବା, ଦସ୍ତାପରି ଧାତୁ କେବେ କମିବା ସମ୍ଭବନା ନାହିଁ। ଆକାଶ ମହାକାଶ ମନ୍ଥନ ଦ୍ରୁତଗତିରେ ଚାଲିଛି। ସୂର୍ଯ୍ୟ ପର୍ଯ୍ୟନ୍ତ ଯାତ୍ରା ଚିନ୍ତା ଚାଲିଲାଣି। ଆଉ ଚନ୍ଦ୍ର, ମଙ୍ଗଳ ଯାତ୍ରା ତ ସବୁ ବିକାଶଶୀଳ ଧନୀ ରାଷ୍ଟ୍ର ମନ ଦେଇଛନ୍ତି। ଆକାଶରେ କୃତ୍ରିମ ଉପଗ୍ରହ ମାଳ ମାଳ ବିଭିନ୍ନ ଦେଶ ଉଡାଇଲେଣି। ଆକାଶରେ ରହି ଇନ୍ଦ୍ରଜିତ ଲଢ଼ାଇ କରୁଥିଲେ ରାବଣ ପୁଷ୍ପକ ଯାନରେ ଆସି ସୀତାଙ୍କୁ ଉଠାଇ ନେଇଥିଲେ। ଏସବୁ କଳ୍ପନା ପୁରାଣ ଥିଲେ ବି ଏବେ ଏପରି ସତ୍ୟରେ ପରିଣତ ହୋଇଛି ଆମର ଖୋଦ ବିଜୁବାବୁ ଇଣ୍ଡୋନେସିଆରୁ ଜେନେରାଲ ହଟ୍ଟା ଓ ସୁକର୍ଣ୍ଣଙ୍କୁ ଗୃହବନ୍ଦୀ ଥିବା ତଳେ ଡେରାପକାଇ ସେନାଙ୍କୁ ତାଜୁବ କରି ଉଠାଇ ଆଣିଥିଲେ। କାଶ୍ମୀରରେ ସାହାସ କରି ବିପ୍ଳବୀଙ୍କୁ ଦମନ ପାଇଁ ଭାରତ ସେନାଙ୍କୁ ନେଇ ଓହ୍ଲାଇ ଥିଲେ। ଏବେ ବିଦେଶ ଯାତ୍ରା କଣ ସ୍ୱଦେଶ ମଧରେ ବିଭିନ୍ନ ସ୍ଥାନଯାନ ସ୍ୱରାଜ୍ୟରେ ବିଭିନ୍ନ ସ୍ଥାନ ଯାତ୍ରାରେ ବିମାନ ବ୍ୟବହାର ହେଲା। ଯୁଦ୍ଧ ଯାହାଜ ସୀମାରେ ପଇଁତରା ମାରୁଛି। ଶତ୍ରୁର ମୁକାବିଲା ପାଇଁ ସବୁଦେଶରେ ବାୟୁସେନା ପ୍ରସ୍ତୁତ। ସ୍କାଇଲାବ ଥରେ ଯାଇ ନିୟନ୍ତ୍ରଣ ବାହାରେ ଆସି ପୃଥିବୀରେ ଆତଙ୍କ କରିଥିଲା। ଏମିତି ଅନେକ ଯାନ ରକେଟର ଭଗ୍ନାଂଶ ଘୁରି ବୁଲୁଛି ଯାହା ପୃଥିବୀ ମାଧ୍ୟାକର୍ଷଣ ଶକ୍ତିର ଟାଣ ରେଂଜରେ ନାହିଁ। ଏବେ ଆକାଶ ଆବର୍ଜନା ପୂର୍ଣ୍ଣ ଧୂଆଁ ବିଷାକ୍ତ ଗ୍ୟାସ ଆକାରେ ଭର୍ତ୍ତି। ଆକାଶ ସୀମା ସବୁ ଦେଶମାନେ ବାଣ୍ଟି ନେଇ ସାରିଲେଣି। ବିଭିନ୍ନ ଦେଶର ପକ୍ଷୀଙ୍କ ପାଇଁ କିଛି ରାଜ ଆଦେଶ ଉଡି ଅନ୍ୟ ଦେଶକୁ ଯିବାକୁ ନାହିଁ ହେଲେ ବିମାନା ଉଡାଣ ପାଇଁ ବିଧି ନିଷେଧ ବଳବତ୍ତର ରହିଛି। ଆକାଶୀୟ ଯାନରେ ଯୁଦ୍ଧ ଆତଙ୍କ ସବୁଦେଶକୁ ସବୁବେଳେ ଭୟାତୁର ରଖୁଛି। ବର୍ଷା ବି ଆକାଶ ସହିତ ସମ୍ବନ୍ଧରେ ରହିଛି ଏହା ଯେଉଁ ନିୟମରେ ଋତୁ ଅନୁସାରେ ବର୍ଷଣ କରେ ତାହା ଏବେ ବ୍ୟତିକ୍ରମ ହେଲାଣି। ମନୁଷ୍ୟ ମନୁଷ୍ୟ ମଧରେ ପ୍ରତିଯୋଗିତା ବଢ଼ି ବଢ଼ି ଚାଲିଛି। ବିସ୍ତାରବାଦ, ଧର୍ମ ବଢୁଛି। ଏହାର ଫଳ ସ୍ୱରୂପ ଆକାଶରେ ଶକ୍ତି ପ୍ରଦର୍ଶନ ସାଟେଲାଇଟର ଯୁଗରେ ଆଜି ଯେଉଁ ମୋବାଇଲ ଯୁଗ ଆସିଛି ଏହା ଆହୁରି ମାର୍ଜିତ ହୋଇ ଆଗେଇବା ଏସବୁ ଭଲ ଓ ମନ୍ଦ ମିଶ୍ରିତ ଏବେ ବ୍ୟାଙ୍କ ମାନଙ୍କରୁ ଲୋକଙ୍କର ଟଙ୍କା ଗାୟବ ଏମିତି ସମୟ ଆସିବ ଖଜଣାଖାନା ଟ୍ରେଜେରୀ ଟଙ୍କାକଳରୁ ଟଙ୍କା ପଇସା ଗାୟବ ହୋଇପାରେ।

ଟିପଚିହ୍ନ ପୂର୍ବେ ଲାଗୁଥିଲା ଏବେ ସେହି ଟିପଚିହ୍ନର ନକଲ କରି ହଡ଼ପ କରିବା ପଥ ବଢ଼ି ବଢ଼ି ଚାଲିଲାଣି। ଏସବୁ ଆକାଶ ମନ୍ଥନର ଫଳ। ମନ୍ଥନରୁ ଅମୃତ, ମଦ୍ୟ, ବିଷ ବାହାରିଥିଲା ଏଥିରେ ଯାହା ପ୍ରମାଣ ଥିଲା ଏହା ମାଟି, ଆକାଶ ମନ୍ଥନରେ ବି ପୂର୍ଣ୍ଣ ରୂପେ ରହିଛି ବୁଝାଗଲାଣି।


ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# 'ଅମାବାସ୍ୟା ଚନ୍ଦ୍ର'ର ସ୍ରଷ୍ଟା

**॥ ବାଦଲ ଭୂୟାଁ ॥**

ଏ ପାପ ପୁଣ୍ୟକୁ ସମାଜର ତତ୍କାଳୀନ ମୂଲ୍ୟବୋଧରେ ବିଚାର ନକରି ମନୁଷ୍ୟତାର ନିକିତିରେ ତଉଲି ଯାଇଛି, ସେହିପରି ମହାନ ବ୍ୟକ୍ତିଙ୍କ ହାତରେ ମୋର ଏ କାଉନ୍‌କୁ ସମର୍ପି ଦେଉଛି' - ବାରିଷ୍ଟର ଗୋବିନ୍ଦ ଦାସ। ସର୍ବଭାରତୀୟ ଆଇନ ବୃତ୍ତି କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ବେଶ୍ ସୁଖ୍ୟାତି ଅର୍ଜନ କରିବା ସହ ଜଣେ ପ୍ରଥିତଯଶା ସାହିତ୍ୟ ସ୍ରଷ୍ଟା ଭାବେ ସୁପରିଚିତ ବାରିଷ୍ଟର ଗୋବିନ୍ଦ ଦାସ ତାଙ୍କ ବହୁ ଚର୍ଚ୍ଚିତ ଓ ପ୍ରଚୁର ପାଠକୀୟ ଆଦୃତି ପାଇଥିବା ଅମାବାସ୍ୟାର ଚନ୍ଦ୍ର ପୁସ୍ତକର ଆଦ୍ୟ କଥନରେ ନିଜେ ଏହାକୁ ଲେଖିଛନ୍ତି। ସୁପ୍ରିମକୋର୍ଟ ବାରରେ ସେ ଥିଲେ ପ୍ରଥମ ଓଡ଼ିଆ ଯିଏ କି ଓକିଲାତି ଜୀବନ ଆରମ୍ଭ କରିଥିଲେ। ଜୀବନ କାଳରେ ସେ ଆଇନ ଜଗତରେ ଯେତିକି ପ୍ରସିଦ୍ଧ, ସାହିତ୍ୟ ଦୁନିଆରେ ସେତିକି ପରିଚିତ ଥିଲେ। ଅମାବାସ୍ୟାର ଚନ୍ଦ୍ର ତାଙ୍କର ସାହିତ୍ୟିକ ପ୍ରତିଭାର ସାର୍ଥକ ଅଭିବ୍ୟକ୍ତି। ୧୯୬୪ରେ ଏହାର ପ୍ରଥମ ସଂସ୍କରଣ ପ୍ରକାଶ ପାଇଥିଲା। ୨୦୦୮ରେ ତାଙ୍କର ପରଲୋକ ବେଳକୁ ଏହାର ପଚିଶତମ ସଂସ୍କରଣ ବଜାରରେ ମିଳୁଥିଲା। ଆଲୋଚକ ଡ. ବାଉରୀବନ୍ଧୁ କରଙ୍କ ଭାଷାରେ 'ଉପନ୍ୟାସଟିର ଭଗବତୀ ଚରଣ ବର୍ମାଙ୍କ ଚିତ୍ରଲେଖା ସହ ଅଦ୍ଭୁତ ଭାବେ ମେଳ ଥିଲେ ସୁଦ୍ଧା ସେ ଏ ଉପନ୍ୟାସ ସକାଶେ ଅଗଣିତ ଓଡ଼ିଆ ପାଠକର ଶ୍ରଦ୍ଧାଭାଜନ ହୋଇଛନ୍ତି। ଏଥିରେ ସବୁଠାରୁ ଆକର୍ଷଣୀୟ ଚରିତ୍ର ହେଉଛି କାଉଲ। କାଉଲର ଜୀବନବୃତ୍ତାନ୍ତ ମାଧ୍ୟମରେ ସାମ୍ପ୍ରତିକ ରାଜନୀତିକ ନେତାମାନଙ୍କ ଚରିତ୍ର ରୂପ ନେଇଛି। କାଉଏ ଜୁଆଡ଼ି, ଲମ୍ପଟ, ମଦ୍ୟପ, କିନ୍ତୁ ନେତା ହେବା ପରେ ସେ ପଣ୍ଡିତଜୀ ପ୍ରମୁଖଙ୍କ ମୁଖରେ ପ୍ରଶଂସିତ। ସାମ୍ପ୍ରତିକ ସମାଜରେ ଯେତେ ଅନୀତି, ଦୁର୍ନୀତି କଲେ ସୁଦ୍ଧା ନେତାଟିଏ ହୋଇପାରିଲେ ସବୁ ସମ୍ମାନ ଆପେ ଆପେ ଆସି ଅଜାଡ଼ି ହୋଇପଡ଼େ, ଏହାହିଁ ଏଥିରେ ସୂଚିତ। ଲାସୁ, ଭଗ୍ନାଂଶ, ସୂର୍ଯ୍ୟାସ୍ତ, ଦେଶେ ଦେଶେ। ଜାତକ, ମିଶ୍ର ରାଗ ଆଦି ତାଙ୍କର ଅନ୍ୟ ଶ୍ରେଷ୍ଠ କୃତି। ସାନ ଗୋଟିଏ ଜୀବନ ତାଙ୍କ ଆତ୍ମଚରିତ। ବାରିଷ୍ଟର ଦାସଙ୍କ ରଚନା ଶୈଳୀର ବିଶେଷତ୍ୱ, ବାକ୍ୟବିନ୍ୟାସ କୌଶଳ ଆଦି ତାଙ୍କ ଉପନ୍ୟାସଗୁଡ଼ିକୁ ସୁଖପାଠ୍ୟ କରିଛି।

ଯୌବନରେ ସେ ସମାଜବାଦୀ ଆଦର୍ଶ ଓ ଆନ୍ଦୋଳନ ଦ୍ୱାରା ପ୍ରଭାବିତ ହୋଇଥିଲେ। ସୋସିଆଲିଷ୍ଟ ଦଳରେ ଯୋଗ ଦେଇଥିଲେ। ଛାତ୍ର ଆନ୍ଦୋଳନରେ ବି ସାମିଲ ହୋଇଥିଲେ। ଜେଲ ଯାଇଥିଲେ। ସମାଜବାଦୀ ବ୍ୟକ୍ତିତ୍ୱ ଥିବାରୁ କିଛି କାଳ କୃଷକ ପତ୍ରିକା ସଂପାଦନ କରିଥିଲେ। ବାପା ଚାହୁଁଥିଲେ, ସେ ଭାରତୀୟ ପ୍ରଶାସନ ସେବା ଅଧିକାରୀ ହୁଅନ୍ତୁ। ସୋସାଲିଷ୍ଟ ପାର୍ଟିର କର୍ମକର୍ତ୍ତା ଚାକିରି କଲେ, ଲୋକେ ହସିବେ। ତେଣୁ ବାପାଙ୍କ ପାଖରେ ସର୍ତ୍ତ ରଖିଲେ - ଆଇଏଏସ୍ ପରୀକ୍ଷା ଦେଇ ସଫଳ ହେବେ।



କିନ୍ତୁ ଚାକିରି କରିବେନାହିଁ। ସେ ଆଇଏଏସ୍ ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସାକ୍ଷାତକାର ଦେବାକୁ ଯାଇନଥିଲେ। ମଧୁସୂଦନ ଆଇନ ମହାବିଦ୍ୟାଳୟରୁ ଆଇନରେ ସ୍ନାତକ ସାରି ଲଣ୍ଡନ ଯାଇଥିଲେ। ପ୍ରସିଦ୍ଧ ଲିଙ୍କନସ୍ ଇନ୍‌ରୁ ବାରଆଟ ଲ ଡିଗ୍ରୀ ଲାଭ କରି, ୧୯୫୩ ମସିହାରେ ଓଡ଼ିଶା ହାଇକୋର୍ଟ ବାରରେ ଆଇନଜୀବୀ ଜୀବନ ଆରମ୍ଭ କରିଥିଲେ। ୧୯୮୦ ଓ ୧୯୯୮ରେ ରାଜ୍ୟର ଆଡ଼୍‌ଭୋକେଟ ଜେନରଲ ହୋଇଥିଲେ। ବ୍ୟକ୍ତିଗତ ଜୀବନରେ ଥିଲେ ଶୃଙ୍ଖଳିତ ଓ ଶାନ୍ତ ସ୍ୱଭାବର। ୧୯୩୦ ଜୁନ ୩୦ ତାରିଖ ଦିନରେ ଯାଜପୁର ଅନ୍ତର୍ଗତ କଲ୍ୟାଣପୁରର ତିସାଣିଆ ଗ୍ରାମରେ ତାଙ୍କର ଜନ୍ମ ହୋଇଥିଲା।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨

## ଏନ ଡି ଆର ଏଫ ଟିମ ପକ୍ଷରୁ ମକ ଡ୍ରିଲ ଅନୁଷ୍ଠିତ



ଆସିକା (ମହାଭାରତ): ବନ୍ୟା ବାତ୍ୟା ସମୟରେ କିପରି ଭାବେ ନିଜ ଜୀବନ ରକ୍ଷା ସେ ନେଇ ଆସିକା ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ କର୍ପୁର ନୂଆଗାଁ ବଡ଼ନଦୀ ଠାରେ କଟକ ମୁଣ୍ଡୁଳି କମଣ୍ଡନ ୦୩ୟ ବାଟଲାଇନ ର ଏନ ଡିଆରଏଫଟିମ ପକ୍ଷରୁ ରେ ସ୍ଥାନୀୟ ଗ୍ରାମବାସୀ ଙ୍କୁ ବନ୍ୟା, ବାତ୍ୟା ସମୟରେ ଜୀବନ୍ତ ଉଦ୍ଧାର କରିବା ର କୌଶଳ ଆଜି ସକାଳ ୧୦ ଘଣ୍ଟା ସମୟରେ ନଦୀ ପଠା କୁ ଏହି ଟିମ ପହଂଚି ଉପସ୍ଥିତ ଲୋକ ମାନଙ୍କୁ ବନ୍ୟା ଆସିବା ପୂର୍ବରୁ ସତର୍କତା, ବନ୍ୟା ସମୟରେ ଜଳ ମଧ୍ୟରେ ବୁଡି ରହିଥିବା ଲୋକ ଙ୍କୁ ନିରାପଦ ଉଦ୍ଧାର, ଉଦ୍ଧାର ପରେ ପ୍ରାଥମିକ ଚିକିତ୍ସା, ବନ୍ୟା ପରେ କଣ କରିବାକୁ ହେବ ତା ଉପରେ ମକ ଡ୍ରିଲ କରାଇ ଦେଖାଇଥିଲେ । ଆଜିର ଏହି କାର୍ଯ୍ୟକ୍ରମ ରେ ବିଡ଼ିଓ ଲିପିନା ଦାସ ତହସିଲଦାର ସଙ୍ଗୀତା ସେନ,ଜିଲ୍ଲା ବିପର୍ଯ୍ୟୟ ପ୍ରଶମନ ଅଧିକାରୀ ତଥା ଡେପୁଟି କଲେକ୍ଟର ଅଭିଷେକ ସାହୁ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଦେବେନ୍ଦ୍ର ନାୟକ, ଆସିକା ପଂଚାୟତ ସମିତି ର ଉପାଧ୍ୟକ୍ଷା ରେଶମା ଦୋରା, ସରପଞ୍ଚ ଜୟନ୍ତୀ ବେହେରା, ଜୟସେନ ସ୍ୱାଇଁ, ଦେବରାଜ ନାୟକ, ପୂର୍ବତନ ସରପଞ୍ଚ କଂଗ୍ରେସ ଦଳେଇ, ସମିତି ସଭ୍ୟ ରାଜୀବ ପାତ୍ର, ପ୍ରମୁଖ ଉପସ୍ଥିତ ଥିଲେ । ନଈ କୁଳିଆ ଅଂଚଳ ରେ ବସବାସ କରୁଥିବା ଜନ ସାଧାରଣ ମାନଙ୍କ ଜନ ଜୀବନ ସୁରକ୍ଷା ନିମନ୍ତେ ବିଭିନ୍ନ ପ୍ରକାର କୌଶଳ ପ୍ରଦର୍ଶନ କରାଯାଇଥିଲା। ଜଳ ମଧ୍ୟରେ ବୁଡି ରହିଥିବା ଲୋକଙ୍କୁ ନିରାପଦ ଉଦ୍ଧାର, ଡ଼ଙ୍ଗା ତଳେ ବୁଡି ରହିଥିବା ଲୋକଙ୍କୁ ଉଦ୍ଧାର, ସେଠାରୁ ଉଦ୍ଧାର ପରେ ପ୍ରାଥମିକ ଚିକିତ୍ସା ପଦ୍ଧତି ରେ ସ୍ୱାସ୍ଥ୍ୟ ସେବା ପ୍ରଦାନ ଉପରେ ଡେମୋ ପ୍ରଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ପିଇଓ, ବିପିଏମ, ପୋଲିସ, ଜିପିଡିଓ, ଡବ୍ଲ୍ୟୁଇଓ, ଏମ ବି କେ, ସିଆରପି, ଆଶା, ଅଙ୍ଗନବାଡି, ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ପୂର୍ବତନ ସାମରିକ ପେନସନ କର୍ମଚାରୀ ଙ୍କ ବୈଠକ

ଅସ୍ତରଙ୍ଗ (ମହାଭାରତ) : ଶନିବାର ଅସ୍ତରଙ୍ଗ ଉକୁଳେଇ ସ୍ଥିତ ପୂର୍ବତନ ସାମରିକ କର୍ମଚାରୀ ଙ୍କ କାର୍ଯ୍ୟାଳୟ ପରିସରରେ ଅସ୍ତରଙ୍ଗ ଷ୍ଟେଟ୍ ବ୍ୟାଙ୍କ ଶାଖା,ପକ୍ଷରୁ ଏକ ପେନସନ ବୈଠକ ଅନୁଷ୍ଠିତ ହୋଇଯାଇଛ। କେନ୍ଦ୍ର ସରକାର ଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ସ୍ଥଳ ସେନା, ନୌ ବାହିନୀ ଓ ଆକାଶ ବାହିନୀ ରୁ ଅବସର ପ୍ରାପ୍ତ ସେନା କର୍ମଚାରୀ ଙ୍କ ବିଭିନ୍ନ ଅର୍ଥନୈତିକ ଅଭିବୃଦ୍ଧି, ଡିଜିଟାଲ ସେବା, ଦୁର୍ଘଟଣା ଜନିତ ବୀମା ଅର୍ଥ ପ୍ରାପ୍ତି କୁ ନେଇ ଆଜି ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା ମହା ପ୍ରବନ୍ଧକ(ଆର୍.ଏମ୍) ଭରତ ଚରଣ ସାହୁ ଯୋଗ ଦେଇ ସଭା କାର୍ଯ୍ୟ ଆରମ୍ଭ କରିଥିଲେ।ଅସ୍ତରଙ୍ଗ ଶାଖା ପ୍ରବନ୍ଧକ ବଳରାମ ଦତ୍ତ ଆନୁକୂଲ୍ୟରେ ରେ ଏହି ସମିଳନୀ ରେ ପୂର୍ବତନ ସାମରିକ କର୍ମଚାରୀ ସଙ୍ଘ ର ସଭାପତି ସୁରେଶ କୁମାର ପରିଡା ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ନରେନ୍ଦ୍ର କୁମାର ସ୍ୱାଇଁ ସଭା ପରିଚାଳନା କରିଥିଲେ, ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ଅଧୀନରେ ପୂର୍ବତନ ସେନା କର୍ମୀ ଙ୍କ ପେନସନ କୁ ନେଇ ସେମାନଙ୍କୁ ଶାଖା ତରଫରୁ କି ପ୍ରକାର ସୁବିଧା ମିଳୁଛି ଓ ଆଗକୁ ମିଳିବ ତା ସହିତ ଶାଖା ସହ ଏହି କର୍ମଚାରୀ ଙ୍କ ମିତ୍ରତା ଅଭିବୃଦ୍ଧି ଉପରେ ଆଲୋଚନା କରାଯାଇଥିଲା, ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ତରଫରୁ ପୂର୍ବତନ ସାମରିକ ସଙ୍ଘ କାର୍ଯ୍ୟାଳୟ କୁ କିଛି ଆସବାପତ୍ର ସହିତ କିଛି ଉପହାର ପ୍ରଦାନ କରାଯାଇଥିଲା, ନୂତନ ଶାଖା ପ୍ରବନ୍ଧକ ବଳରାମ ଦତ୍ତଙ୍କ କାର୍ଯ୍ୟ କଳାପ କୁ ଉପସ୍ଥିତ ସେନା ନାଗରିକ ମାନଙ୍କ ତରଫରୁ ପ୍ରଶଂସା କରାଯାଇଥିଲା, ଅସ୍ତରଙ୍ଗ ଶାଖା ପକ୍ଷ ରୁ ଜିତେନ୍ କୁମାର ମହାନ୍ତି ଓ ଜନ୍ମେଜୟ ସ୍ୱାଇଁ ଦାୟିତ୍ୱ ଓ ସହାୟକ ରେ ଏହି ସମିଳନୀ କୁ ଅନୁଷ୍ଠିତ କରାଇଥିଲା।

## ୯ ବର୍ଷ ଫେରାର ଅପରାଧୀଙ୍କୁ ଧରିଲା ପୋଲିସ

ଅସ୍ତରଙ୍ଗ(ମହାଭାରତ): ଫେରାର ଅଭିଯୁକ୍ତ ଙ୍କୁ ଧରି ଚର୍ଚ୍ଚା ରେ ଅସ୍ତରଙ୍ଗ ପୋଲିସ, ସୂଚନା ମୁତାବକ ୨୦୧୬ମସିହା ରୁ ଅସ୍ତରଙ୍ଗ ଗ୍ରାମ ର ଦେବରାଜ ପଣ୍ଡା ଙ୍କ ପୁଅ ଗାଣ୍ଡୁଅ ପଣ୍ଡା ଏକ ଅପରାଧିକ ମାମଲା ଥିଲା, ନିମାପଡା କୋର୍ଟ ରୁ ଜାମିନ ପାଇନଥିଲେ, ସେଥିପାଇଁ ସେ ଦୀର୍ଘ ବର୍ଷ ହେବ ଫେରାର ଥିଲେ,ଅସ୍ତରଙ୍ଗ ପୋଲିସ ତରଫରୁ ଥାନା ଅଧିକାରୀ ଦୁର୍ଗା ଚରଣ ମହାପାତ୍ର ଙ୍କ ନେତୃତ୍ୱ ରେ ଉକ୍ତ ଅଭିଯୁକ୍ତ କୁ ଅସ୍ତରଙ୍ଗ ମହାବୀର ମନ୍ଦିର ତାର ଘର ନିକଟରୁ ଗିରଫ କରାଯାଇ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଛି, ଦୀର୍ଘ ୯ ବର୍ଷ ପରେ ଫେରାର ଅଭିଯୁକ୍ତ କୁ ଠାବ କରି କୋର୍ଟ ଚାଲାଣ କରିବା ଘଟଣା କୁ ବୁଦ୍ଧିଜୀବୀ ମହଲ ରେ ପ୍ରଶଂସା କରାଯାଇଛି।

## ଗାଁ ପୋଖରୀ ରେ ବୁଡି ବୃଦ୍ଧ ମୃତ ଅଭିଯୋଗ !

ଆସିକା :(ମହାଭାରତ): ଆସିକା ଥାନା ଅନ୍ତର୍ଗତ ଦେବଭୂମି ପଞ୍ଚାୟତ କର୍ପୁର ନୂଆଗାଁ ପୋଖରୀ ରେ ବୁଡି ବୃଦ୍ଧ ମୃତ। ଆଜି କର୍ପୁର ନୂଆଗାଁ ର ସନ୍ୟାସୀ ଗୌଡ଼ (୬୫) ନିଜ ବିଲରେ କାମ ଶେଷ କରି ଗାଁ ରେ ଥିବା ପୋଖରୀ କୁ ଗାଧୋଇବା ନିମନ୍ତେ ଯାଇ ଆଉ ଘରକୁ ଫେରିନଥିଲେ । ଘର ଲୋକଙ୍କ ପକ୍ଷରୁ ବହୁତ ଖୋଜା ଖୋଜି ପରେ ମଧ୍ୟ ସେ ମିଳିନଥିଲେ।ହଠାତ କିଛି ଗ୍ରାମବାସୀ ପାଣି ମଧ୍ୟରେ ବୁଡି ରହିଥିବାର ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ । ତାଙ୍କ ପୁଅ ଏବଂ ଅନ୍ୟ ଗ୍ରାମବାସୀ ପକ୍ଷରୁ ପୋଖରୀ ମଧ୍ୟରୁ ବୁଡି ରହିଥିବା ସନ୍ୟାସି ଙ୍କୁ ଉଦ୍ଧାର କରିଥିଲେ । ସଂଗେ ସଂଗେ ମୋଟର ସାଇକେଲ ରେ ଆସିକା ଉପଖଣ୍ଡ ଚିକିତ୍ସାଳୟ କୁ ଚିକିତ୍ସା ପାଇଁ ଆଣିଥିଲେ । ମେଡିକାଲ ର କାର୍ଯ୍ୟରତ ଡାକ୍ତର ସନ୍ୟାସୀ ଙ୍କୁ ମୃତ ଘୋଷଣା କରିଥିଲେ । ଆସିକା ଥାନା କେସ ନମ୍ବର ୨୦/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ କରି ସନ୍ୟାସୀ ର ଶବ ବ୍ୟବଚ୍ଛେଦ କରି ପରିବାର ଙ୍କୁ ହସ୍ତାନ୍ତର କରାଯାଇଛି ।

# ସିରିଜ୍ ଚୋରି ମାମଲା ଗଞ୍ଜାମରୁ ଧରାହେଲେ ୭ ଡକାୟତ

## ୧ ଲକ୍ଷ ୬୨ ହଜାର ଟଙ୍କା, ଟାଟା ଇଣ୍ଡିଗୋ, ୪ଟି ବାଇକ୍ ଓ ୧୧ଟି ମୋବାଇଲ୍ ଜବତ

ଓଡ଼ଗାଁ, ( ମହାଭାରତ ) : ଓଡ଼ଗାଁର ସିରିଜ୍ ମଦ ଦୋକାନ ଚୋରି ଘଟଣାରେ ପୁଲିସକୁ ବଡ଼ ସଫଳତା ମିଳିଛି। ଅଭିଯୁକ୍ତ ମାନଙ୍କୁ ଓଡ଼ଗାଁ ପୁଲିସ ଗଞ୍ଜାମ ଜିଲ୍ଲା ରମ୍ଭା ଥାନା ନିକଟସ୍ଥ ଏକ ଭଡ଼ା ଘରୁ ଗିରଫ କରିଛି। ସେମାନଙ୍କ ଠାରୁ ୧ଲକ୍ଷ ୬୨ ହଜାର ଟଙ୍କା, ଇଣ୍ଡିଗୋ କାର, ୪ଟି ବାଇକ୍, ୧୧ଟି ମୋବାଇଲ୍, ୪ଟି ତାଲା, ଶାବଳ, ମୋବାଇଲ୍ ଚାର୍ଜର, କଟୁରି ଓ ପେଚକସ୍ ଆଦି ସାମଗ୍ରୀ ଜବତ କରାଯାଇଥିବା ନୟାଗଡ଼ ଏସପି ଏସ. ମୁଶ୍ରୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗତ ୩୦ ତାରିଖ ବିଳମ୍ବିତ ରାତିରେ ଓଡ଼ଗାଁ ଥାନା ସିନେମା ହଲ ଛକ ନିକଟରେ ଥିବା ଦୁଇଟି ବିଦେଶୀ ମଦ ଦୋକାନ ଓ ରୋହିବାଙ୍କ ଠାରେ ଥିବା ଅନ୍ୟ ଏକ ମଦ



ଦୋକାନର ସଟରକୁ ଭାଙ୍ଗି ଦୋକାନରୁ ୧ଲକ୍ଷ ୯୮ ହଜାର ଟଙ୍କା ଓ ବିଦେଶି ମଦ ଚୋରି କରି ନେଇଥିଲେ। ଦୋକାନ ମାଲିକଙ୍କ ଅଭିଯୋଗ ପରେ, ନୟାଗଡ଼ ଏସପି ଏସ ସୁଶ୍ରୀଙ୍କ ନିର୍ଦ୍ଦେଶକ୍ରମେ ଓଡ଼ଗାଁ ପୁଲିସ ଏକ ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ସିସିଟିଭି ଯାଞ୍ଚ କରି ଛାନଭିନ୍ କରିବା ପରେ ଅଭିଯୁକ୍ତ ମାନେ ଗଞ୍ଜାମ ଜିଲ୍ଲାର ବୋଲି ଜଣାପଡ଼ିଥିଲା। ଗ୍ୟାଙ୍ଗର ମୁଖିଆ ଦୁଇଜଣ ଥିଲେ। ଗଞ୍ଜାମ ଜିଲ୍ଲା ବୁଗୁଡ଼ା ଥାନା ଅରଖପୁର ଗ୍ରାମର ଦୋଳଗୋବିନ୍ଦ ଜେନାଙ୍କ ପୁଅ ଚିତ୍ରସେନ ଜେନା (୨୨) ଓ ହିଞ୍ଜିଳିକାଟ ବୁରୁପଦା ଗ୍ରାମର ସନ୍ତୋଷ ଦଳେଇଙ୍କ ପୁଅ ବାବୁଲା ଦଳେଇ (୨୧)। ଚଳିତ ବର୍ଷ ମାର୍ଚ୍ଚରେ ସେମାନେ ଗିରଫ ହୋଇଥିଲେ ମଧ୍ୟ ଜାମିନରେ ଆସିବା ପରେ ନୂଆ ଯୋଜନା କରି ନୂତନ ଯୁବକଙ୍କୁ ଏଥିରେ ସାମିଲ କରିଥିଲେ। ଅଭିଯୁକ୍ତ ମାନେ ରମ୍ଭା ନିକଟସ୍ଥ ଏକ ଗାଁରେ ଭଡ଼ା ଘରରେ ରହୁଥିଲେ। ଡକାୟତ ଦଳର ମୁଖିଆ ଚିତ୍ରସେନଙ୍କ ଫୋନ୍ ନମ୍ବର ବିଶ୍ୱସ୍ତ ସୂତ୍ରରୁ ପାଇ ଟ୍ରାକିଂ କରିଥିଲେ। ୭ଜଣ ଡକାୟତଙ୍କୁ ଭଞ୍ଜନଗର ପୁଲିସ ସହାୟତାରେ ଭଡ଼ା ଘରୁ ଗିରଫ କରିଥିଲେ। ଗିରଫ ହୋଇଥିବା ଅନ୍ୟ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲ୍ଲା କୋଦାଳ ଥାନା ପ୍ରକାଶ ରାଉଳଙ୍କ ପୁଅ ରଞ୍ଜନ ରାଉଳ (୨୬), ରମ୍ଭା ଥାନା ଅରୁଣପୁର ଗ୍ରାମର ମୁନି ମହାରଣାଙ୍କ ପୁଅ ଶଙ୍କର ମହାରଣା, ରମ୍ଭା ଥାନା ବାଲିପଦର ଅରଖପୁର ଗ୍ରାମର ଦୋଳଗୋବିନ୍ଦ ଜେନାଙ୍କ ପୁଅ ନାରାୟଣ ଜେନା (୨୭) ବୁଗୁଡ଼ା ଥାନା ପୋଚ୍ଛରମୁଣ୍ଡି ଗ୍ରାମର ଭଗବାନ ସ୍ୱାଇଁଙ୍କ ପୁଅ ଶିଶିର ସ୍ୱାଇଁ (୨୭) ଓ କୋଦାଳ ଥାନା ଯୁଧିଷ୍ଠିର ପାଣିଙ୍କ ପୁଅ କିଶାନ ପାଣ୍ଡି (୨୩)। ମଦ ଦୋକାନରୁ ଚୋରି କରିଥିବା ୧ଲକ୍ଷ ୯୨ ହଜାର ଟଙ୍କା ମଧ୍ୟରୁ ଗ୍ୟାଙ୍ଗ୍ର ନେତା ଚିତ୍ରସେନ ଓ ସନ୍ତୋଷ ୨୩ ହଜାର ୫ଶହ ଟଙ୍କା ନେଇଥିଲେ ବାକି ୫ଜଣ ୨୩ ହଜାର ଟଙ୍କା ଲେଖାଏଁ ଭାଗ ବାଣ୍ଟି ନେଇଥିଲେ। ଘର ଭଡ଼ା ଓ ଖାଇବା ବାବଦରେ ୩୬ ହଜାର ଟଙ୍କା ଖର୍ଚ୍ଚ କରିଥିଲେ। ବାକି ୧ଲକ୍ଷ ୬୨ ହଜାର ଟଙ୍କା ସହିତ ବ୍ୟବହାର କରୁଥିବା ଇଣ୍ଡିଗୋ କାର, ୪ଟି ବାଇକ୍, ୯ଟି ସ୍ମାର୍ଟ ଫୋନ୍, ୨ଟି କି ପ୍ୟାଡ଼ ଫୋନ୍, ଗୋଟିଏ ଶାବଳ, ୩ଟି ତାଲା, ପେଚକସ, ମୋବାଇଲ୍ ଚାର୍ଜର, କଟୁରି ଜବତ କରାଯାଇଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଗଞ୍ଜାମ ଜିଲ୍ଲା ରମ୍ଭା ଥାନା, ପୁରୀ ଜିଲ୍ଲା ପିପିଲି ଥାନା, ଭୁବନେଶ୍ୱରର ଭରତପୁର ଥାନା, ଭଞ୍ଜନଗର ଥାନା, ନୟାଗଡ଼ ସଦର ଥାନା, କଟକ ଜିଲ୍ଲା ଖୁ□ୁଣି ଥାନା, କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡ଼ି ଥାନା, ଭୁବନେଶ୍ୱରର ମଞ୍ଚେଶ୍ୱର ଥାନା ଓ ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଥାନାରେ ୯ଟି ମାମଲା ଥିବା ନୟାଗଡ଼ ଏସପି ସୂଚନା ଦେଇଛନ୍ତି। ସେ କହିଛନ୍ତି ଜନସାଧାରଣ ଓ ଭଞ୍ଜନଗର ପୁଲିସ ପାଇଁ ଅପରେସନ ସଫଳତାର ସହ ଶେଷ ହୋଇଛି। ଏହି ପୁଲିସ ଟିମ୍ରେ ଓଡ଼ଗାଁ ଆଦର୍ଶ ଥାନା ଅଧିକାରୀ ଅଭୟ କୁମାର ବେହେରା, ଏସ୍ଆଇ ଚକ୍ରଧର ସିଂହ ଓ ପୁଲିସ କର୍ମଚାରୀ ମାନେ ସାମିଲ୍ ଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାସ ଚନ୍ଦ୍ର ପଣ୍ଡା, ଶରଣକୁଳ ଏସଡ଼ିପିଓ ଦିପ୍ତିକାନ୍ତ ପ୍ରଧାନ ଓ ଥାନାର ସମସ୍ତ ପୁଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ହଜିଯାଇଛି ଲଳିତା ଚାଷ,ଦୀପାବଳୀ ଅମାବାସ୍ୟା ଆସିଲେ ଖୋଜା ପଡେ କାଉଁରିଆ କାଠି



ଗଜପତି(ମହାଭାରତ): ଆସନ୍ତାକାଲି ଆଲୋକର ପର୍ବ ଦିପାବଳୀ।ଏହି ଦିନ ଓଡ଼ିଆଙ୍କ ଚିରାଚରିତ ପର୍ବ ଭାବେ ଗାଁ ଗଣ୍ଡାରୁ ସହର ପର୍ଯ୍ୟନ୍ତ ପିଠା ପଣା କ୍ଷୀରି ଫଳ ମୂଳ ଦେଇ ବଡ଼ ବଡୁଆଙ୍କୁ ଘର ଆଗରେ ଡ଼ାକିଥାନ୍ତି ପରିବାର ଲୋକେ।ଏକା ସଙ୍ଗରେ କାଉଁରିଆ କାଠିକୁ ଜଳାଇ ସପରିବାର ସହ ସାହି ପଡ଼ୋଶୀ ଓ ବନ୍ଧୁ ବାନ୍ଧବଙ୍କ ସହ ମିଳିମିଶି ଡ଼ାକନ୍ତି ବଡ଼ ବଡୁଆ ହୋ ଅନ୍ଧାରରେ ଆସ, ଦୀପାବଳି ଆଲୋକ ଦେଖି ଆମକୁ ଆଲୋକିତ କର ହୋ ବୋଲି କହି କାଉଁରିଆ କାଠି ଲଗାଇ ପୂଜା କରିଥାନ୍ତି। କିନ୍ତୁ ଦୀପାବଳି ପୂର୍ବରୁ ଗାଁ ହାଟରେ ବଡ଼ ବଡୁଆଙ୍କୁ ଡ଼ାକିବା ପାଇଁ ଆଉ କାଉଁରିଆ କାଠ ମିଳୁନାହିଁ । କାରଣ ଆଉ ନଳିତା ଚାଷ ପୂର୍ବ ଭଳି ଗାଁରେ ଚାଷୀ କରୁନାହାନ୍ତି ।ସମସ୍ତେ ଧାନ ଓ ପରିବା ଚାଷ ପାଇଁ ମୁହାଁଉଛନ୍ତି । ଯେଉଁଥି ପାଇଁ ଚଳିତ ଦୀପାବଳିରେ ଗାଁ ଗଣ୍ଡାରେ ବଡ଼ ବଡୁଆଙ୍କୁ ଡ଼ାକିବା ପାଇଁ କାଉଁରିଆ କାଠି ବା ନଳିତା କାଠି ମିଳୁନାହିଁ। ୪ ଟି କାଠି ବିଶିଷ୍ଟ ଗୋଟିଏ ବିଡ଼ାକୁ ୨୦ ରୁ ୩୦ ଟଙ୍କାରେ ବିକ୍ରି ହେଉଛି । ।ନଦୀ ଉପକୂଳବର୍ତ୍ତୀ ଉପରୋକ୍ତ ଅଞ୍ଚଳରେ ପୂର୍ବରୁ ଚାଷୀ ମାନେ ନଳିତା ଚାଷ କରି ଗୁଜୁରାଣ ମେ□ାଉଥିବା ବେଳେ ବର୍ତ୍ତମାନ ଚାଷୀ ମାନେ ଧାନ ଓ ପନିପରିବା ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ନଳିତା ଚାଷ ସମୟରେ ଚାଷୀ ମାନଙ୍କୁ ଉପଯୁକ୍ତ ବିହନ, ବୈଷୟିକ କୌଶଳ ଓ ଆବଶ୍ୟକ ପ୍ରୋତ୍ସାହନ ଯୋଗାଇ ଦିଆଯାଉନଥିବା ନେଇ ଚାଷୀ ମାନଙ୍କ ପକ୍ଷରୁ ଶୁଣିବାକୁ ମିଳୁଛି । ନଳିତା ଚାଷୀ ମାନଙ୍କୁ ସରକାରଙ୍କ ପକ୍ଷରୁ ଆବଶ୍ୟକ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଗଲେ ପୂର୍ବପରି ନଳିତା ଚାଷର ଆଦର ରହିବ ବୋଲି ବୁଦ୍ଧୀଜିବି ମହଲରେ ମତ ପ୍ରକାଶ ପାଇଛି ।

## ଭରାଣ୍ଡିଆ ଆଞ୍ଚଳିକ ସାଧନ କେନ୍ଦ୍ର ଶିଶୁ ସୁରଭି ମହୋତ୍ସବ ୨୦୨୫ ଅନୁଷ୍ଠିତ

କରଞ୍ଜିଆ, (ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଭରାଣ୍ଡିଆ ପଞ୍ଚାୟତ ମିରିଗିମୁଣ୍ଡି ହାଇସ୍କୁଲ ପରିସରରେ ଆଞ୍ଚଳିକ ସାଧନ କେନ୍ଦ୍ର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ଅନୁଷ୍ଠିତ ହୋଇଛି । ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର ମହାନ୍ତ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କୁଞ୍ଜବିହାରୀ ପ୍ରଧାନ ଯୋଗଦେଇ ଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବେ ସରପ□ ଅନିତା ଗୁମୁଲିଆ, ମୁଖ୍ୟ ବକ୍ତା ଭାବେ ଆକାଶ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଶରତ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଥିଲାବେଳେ ମଞ୍ଚ ପରିଚାଳନା ଶିକ୍ଷକ ରଙ୍ଗାଧର ସେନାପତି କରି ଥିଲେ। କାର୍ଯ୍ୟକ୍ରମ କୁ ସିଆରସିସି ସୁଶାନ୍ତ କୁମାର ସେଠୀ ସଂଯୋଜନା କରିଥିଲେ। ଏଥିରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଭରାଣ୍ଡିଆ ଆଞ୍ଚଳିକ ସାଧନା କେନ୍ଦ୍ରର ଛାତ୍ରଛାତ୍ରୀ ମାନେ ଶିଶୁ ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଜିଲ୍ଲା ସ୍ତରୀୟ କଳା ଉତ୍ସବ ଅନୁଷ୍ଠିତ



ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସମଗ୍ର ଶିକ୍ଷା ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀ ଡକ୍ଟର ମାୟାଧର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସ୍ତରୀୟ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗଜପତି ଜିଲ୍ଲାର ୭ ଗୋଟି ବ୍ଲକର ୧୨ ଟି ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗୀତାରେ ଯେଉଁ ଦଳ ପ୍ରଥମ ହେବ ସେହି ଦଳ ଜୋନାଲ ସ୍ତର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଜୋନାଲ ସ୍ତରରେ ଯେଉଁ ଦଳ ପ୍ରଥମ ହେବେ ସେହି ଦଳ ରାଜ୍ୟ ସ୍ତର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମରେ ଡି ପ୍ରିୟଙ୍କା, ଶ୍ରୀମତୀ ସୁଲତା ପ୍ରମୁଖ ବିଚାରକ ଭାବେ ରହିଥିବା ବେଳେ ବିଜ୍ଞାନ ନିରୀକ୍ଷକ ଏ ରବି କୁମାର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ।

## ତମାଖୁ ମୁକ୍ତ ଅଭିଯାନ ୩.୦ ପ୍ରସ୍ତୁତି ବୈଠକ


ଦେବଗଡ଼ (ମହାଭାରତ): ଜ଼ିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜ଼ିଲ୍ଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦେବଗଡ଼ ପକ୍ଷରୁ ଜ଼ିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଯୁବ ସମାଜ ପାଇଁ ତମାଖୁ ମୁକ୍ତ ଅଭିଯାନ ୩.୦ (୧୦ ଅକ୍ଟୋବର ରୁ ୯ ଡିସେମ୍ବର ୨୦୨୫ )ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜ଼ିଲ୍ଲାପାଳ ଶ୍ରୀ ସାହୁ ତମାଖୁ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଜ଼ିଲ୍ଲାରେ କୌଣସି ବିଦ୍ୟାଳୟ ଓ ମହାବିଦ୍ୟାଳୟ ପାଖରେ ଯେଭଳି ତମାଖୁ ବିକ୍ରି ନହୁଏ ସେଥି ପ୍ରତି ଧ୍ୟାନ ଦେବାକୁ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ।ସ୍ୱାସ୍ଥ୍ୟ ଉପରେ ତମାଖୁର କୁ ପ୍ରଭାବ ଚିନ୍ତାର କାରଣ ହୋଇଅଛି ।ତମାଖୁ ସେବନ ଦ୍ୱାରା କର୍କଟ, ହୃଦ୍ ରୋଗ,ଶ୍ୱାସଜନିତ ରୋଗ,ମଧୁମେହ ଓ ମସ୍ତିଷ୍କାଘାତ ରୋଗରେ ପଡି ମୃତ୍ୟୁ ମୁଖରେ ପଡିଥାନ୍ତି ୟପ୍ରତ୍ୟେକ ବ୍ଲକ୍ ଓ ପଞ୍ଚାୟତ ରେ ଯୁବ ସମାଜପାଇଁ ତମାଖୁ ମୁକ୍ତ ଅଭିଯାନ ୩.୦ କରାଯିବାପାଇଁ ଜିଲ୍ଲାପାଳ ସ୍ୱାସ୍ଥ୍ୟ ବିଭାଗକୁ ପରାମର୍ଶ ଦେଇଥିଲେ।ବୈଠକରେ ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର,ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ ଧନଞ୍ଜୟ ମହନ୍ତ ,ଏ ସି ଏଫ୍ ଅରୁଣ କୁମାର ବେହେରା, ଜ଼ିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ ,ଗୋଷ୍ଠି ଉନ୍ନୟନ ଅଧିକାରୀ ତିଳେଇବଣି ପ୍ରିୟଦର୍ଶିନୀ ମିଦ୍ଧା ,ତହସିଲଦାର କର୍ଣ୍ଣ ମଲିକ ,ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ନିବାସ ଜାନୀ,ଡେପୁଟି କଲେକ୍ଟର ଅଞ୍ଜୁଁନି କୁଜୁର ,ଜ଼ିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର,ଜିଲ୍ଲା ସହକାରୀ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଅମରେଶ ଶତପଥି , ବିଭିନ୍ନ ବିଭାଗର ଜ଼ିଲ୍ଲା ସ୍ତରୀୟ ଅଧିକାରୀ ଓ ଚିକିତ୍ସା ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ସାଇବର ସୁରକ୍ଷା ସଚେତନତା ଶିବିର

ପାଟଣା:-(ମହାଭାରତ)ରାଜ୍ୟ ବ୍ୟାପି ସାଇବର ସୁରକ୍ଷା ସଚେତନ ଶିବିର ଆୟୋଜନ କରାଯାଇ ଥିବା ବେଳେ କେନ୍ଦୁଝର ଜିଲ୍ଲା ପାଟଣା ଥାନା ପକ୍ଷ୍ ରୁ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମ ପାଟଣା ଥାନା ଅଧିକାରୀ ମାନସ ମହାକୁଲ ଙ୍କ ତ□ାବୋଧନ ରେ ଅନୁଷ୍ଠିତ ହୋଇଛି। ପାଟଣା ଅଞ୍ଚଳ ର ଜନସାଧାରଣ,ବୁଦ୍ଧିଜିବୀ,ଶିକ୍ଷାବିତ ଙ୍କୁ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଭିନ୍ନ କ୍ଷେତ୍ର ରେ ସାଇବର ଠକେଇ ରୁ କିଭଳି ନିବୃତ ରହିବା ସହ ସୁରକ୍ଷିତ ରହିବେ ତା ଉପରେ ଏକ ଭିଡିଓ କନଫରେନ୍ସ ସହ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି। ଏହି ଅବସରେ ପାଟଣା ଅତିରିକ୍ତ ଥାନା ଅଧିକାରୀ ଲକ୍ଷ୍ମଣ ମାଝୀ, ଗୌରହରି ଗ୍ରଡିଆ,ଧନେଶ୍ୱର ପାତ୍ର, ହାବିଲଦାର ରମେଶ ନାଏକ,ଗୃହରକ୍ଷୀ ସୁରେଶ କୁମାର ମହାନ୍ତ ଉପସ୍ଥିତ ଥିଲେ ।

## ଖରା ଓ ବର୍ଷାରୁ ରକ୍ଷା କରୁଛି ପିଚୁ ଚଦର: ୧୧୨ ବର୍ଷର କୋଠାରେ ୧୦ କାର୍ଯ୍ୟାଳୟ

ନୟାଗଡ଼, ( ମହାଭାରତ ) : ନୟାଗଡ଼ ୧୯୯୩ ମସିହାରେ ଅପ୍ରେଲ ୨ ତାରିଖରେ ଜିଲ୍ଲା ମାନ୍ୟତା ପାଇଥିଲା। ଏହା ପୂର୍ବରୁ ନୟାଗଡ଼ ସବ୍ ଡିଭିଜନ ଭାବେ କାର୍ଯ୍ୟ କରୁଥିଲା। ପୁରୀ ଜିଲ୍ଲା ଅଧୀନରେ ନୟାଗଡ଼ ରହିଥିଲା। ନୟାଗଡ଼ ଜିଲ୍ଲା ମାନ୍ୟତା ପାଇବା ପରେ ଜିଲ୍ଲାରେ ବିଭିନ୍ନ ବିଭାଗ କାର୍ଯ୍ୟାଳୟ, ଡାକ୍ତରଖାନା, ଶିକ୍ଷା, କ୍ରୀଡ଼ା ଭିତ୍ତିଭୂମିର ଅନେକ ଅଭିବୃଦ୍ଧି ଘଟିଛି। ଅନେକ ସରକାରୀ କାର୍ଯ୍ୟାଳୟ ନିଜସ୍ୱ ଗୃହ ନିର୍ମାଣ କରି ସରିଥିବା ବେଳେ ଅନେକ ନିର୍ମାଣାଧୀନ ଅବସ୍ଥାରେ ରହିଛି। ନୟାଗଡ଼ ସହରକୁ ସୌନ୍ଦର୍ଯ୍ୟମୟ କରାଯିବାକୁ ଅନେକ ପଦକ୍ଷେପ ନିଆଯାଇଛି। ତଥାପି ନୟାଗଡ଼ ଜିଲ୍ଲାରେ ଅନେକ ସରକାରୀ କାର୍ଯ୍ୟାଳୟ ଗୃହ ଭଡ଼ାରେ ଚାଲୁଥିବା ବେଳେ କିଛି ପରିତ୍ୟକ୍ତ କୋଠାରେ ଚାଲୁଛି। ସେହିଭଳି ଏକ ପରିସ୍ଥିତି ତଥା ପରିବେଶ ମଧ୍ୟରେ କାର୍ଯ୍ୟ କରୁଛନ୍ତି ୧୦ କାର୍ଯ୍ୟାଳୟର କର୍ମଚାରୀ। ଏହା ଖୋଦ୍ ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରହିଛି। ଅନେକ ଇତିହାସକୁ ଜାବୁଡ଼ି ଧରିଥିବା ରାଜାଙ୍କ ଅମଳର ଅଫିସ୍ୟ ଏହି ବିଲ୍ଡିଂରେ ୧୦ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ରହିଥିବା ବେଳେ ଏହାର ଅବସ୍ଥା ସଙ୍କଟାପନ୍ନ ହୋଇରହିଛି। ଛାତରୁ ପାଣି ଗଳୁଥିବାରୁ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ପିଚୁ ଚଦର ପକାଯାଉଛି। ପିଚୁ ଚଦର ବର୍ଷା ଓ



ଖରାରୁ ରକ୍ଷା କରୁଥିବା ବିଷୟ ଜିଲ୍ଲା ପ୍ରଶାସନ ଓ ରାଜନେତାଙ୍କୁ ଜ୍ଞାତ ଥିଲେ ବି ପ୍ରତିକାର ପାଇଁ ଆଜି ପର୍ଯ୍ୟନ୍ତ ଭିନ୍ନ ପରିକଳ୍ପନା କରାଯାଇନାହିଁ। ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରହିଥିବା ଏହି ଅଫିସ୍ ବିଲ୍ଡିଂ ୧୯୧୩-୧୪ ମସିହାରେ ସ୍ଥାପନ କରାଯାଇଥିଲାୟ ନୟାଗଡ଼ ରାଜାଙ୍କ ଦ୍ୱାରା ଏହା ନିର୍ମାଣ କରାଯାଇଥିବା ବେଳେ ଇଂରେଜ ସରକାରଙ୍କ ଏଜେ□ ସତାର ଖାଁ ତାଙ୍କର କାର୍ଯ୍ୟାଳୟ ଭାବେ ଏହାକୁ ବ୍ୟବହାର କରୁଥିଲେ। ନୟାଗଡ଼ ସର୍କିଟ ହାଉସରେ ସେ ରହିବା ସହ ଏଠାରେ କାର୍ଯ୍ୟ କରୁଥିବା ଶୁଣାଯାଏ ବେଲେଭେନ୍ଗେଟ୍ ମଧ୍ୟ ଏହି କାର୍ଯ୍ୟାଳୟକୁ ଅନେକ ଥର ଆସିଥିବାର ସୂଚନା ମିଳେ। ଏହି ଅଫିସ ବିଲ୍ଡିଂରେ ସାମାଜିକ ସୁରକ୍ଷା କାର୍ଯ୍ୟାଳୟ, ଶିଶୁ ସୁରକ୍ଷା ବିଭାଗ, ଉପଜିଲ୍ଲାପାଳଙ୍କ ଅଦାଲତ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯୋଗାଣ ବିଭାଗ, ସିଡବ୍ଲ୍ୟୁସି କାର୍ଯ୍ୟାଳୟ, ଜମି ଅଧିଗ୍ରହଣ କାର୍ଯ୍ୟାଳୟ, କ୍ଷୁଦ୍ର ସଞ୍ଚୟ ବିଭାଗ, କୋଷାଗାର ଷ୍ଟ୍ରଙ୍ଗରୁମ, ରେକର୍ଡ ରୁମ୍ ଭଳି ୧୦ଟି କାର୍ଯ୍ୟାଳୟ ରହିଛିୟ ଏହି ୧୦ କାର୍ଯ୍ୟାଳୟ ପାଇଁ ନୂତନ କୋଠା ନିର୍ମାଣର ନିହାତି ଆବଶ୍ୟକତା ରହିଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରହିଥିବା ଏହି ପୁରାତନ କୋଠା ବଦଳରେ ନୂତନ କୋଠା ନିର୍ମାଣ ପାଇଁ ଦାବି ହେଉଛି।

# ଭାରତକୁ ପୁଣି ପରମାଣୁ ଆକ୍ରମଣ ଧମକ



ଇସଲାମାବାଦ: ପାକିସ୍ତାନ ସେନା ମୁଖ୍ୟ ଫିଲ୍ଡ ମାର୍ଶାଲ ଅସୀମ ମୁନିର୍ର ଆଜି ପୁଣି ଭାରତ ବିରୋଧରେ ବିଷୋଦ୍‌ଗାର କରିଛନ୍ତି। ସେନାର ଏକ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ମୁନିର ଭାରତ ବିରୋଧରେ ପରମାଣୁ ଅସ୍ତ୍ର ପ୍ରୟୋଗ କରିବା ନେଇ ସିଧାସଳଖ ଧମକ ଦେଇଛନ୍ତି। ତାଙ୍କର ଏହି ବୟାନ ଦୁଇ ଦେଶ ମଧ୍ୟରେ ଉତ୍ତେଜନାକୁ ବଢ଼ାଇଦେଇଛି। ଏହି ଉତ୍ତେଜକ ବୟାନ ଏଭଳି ସମୟରେ ଆସିଛି, ଯେତେବେଳେ ପାକିସ୍ତାନ ଓଆଫଗାନିସ୍ତାନ ମଧ୍ୟରେ ଡୁରାଣ୍ଡ ଲାଇନ ସୀମାରେ ସଂଘର୍ଷ ତୀବ୍ର ହେଉଛି। ପାକିସ୍ତାନୀ ସେନା ଆଫଗାନ ତାଲିବାନଙ୍କ ଆକ୍ରମଣର ଜବାବରେ ସୀମା ଅଞ୍ଚଳରେ ବୋମା ବର୍ଷା କରୁଥିବା ବେଳେ ଅଚାନକ ମୁନୀର୍ରଙ୍କ ଭାରତ ବିରୋଧରେ ପରମାଣୁ ଅସ୍ତ୍ର ବୟାନ ଆଞ୍ଚଳିକ ଅସ୍ଥିରତା ବଢ଼ାଇବ ବୋଲି ଅନେକ ସାମରିକ ବିଶେଷଜ୍ଞ ମତ ରଖିଛନ୍ତି। ମୁନିର ତାଙ୍କ ଭାଷଣରେ ସମ୍ଭାବ୍ୟ ପରମାଣୁ ଯୁଦ୍ଧ ଉପରେ ଆଲୋଚନା କରି ଭାରତକୁ କଠୋର ଚେତାବନୀ ଦେଇଛନ୍ତି। ସେ କହିଛନ୍ତି, 'ଭାରତ ପକ୍ଷରୁ କୌଣସି ଛୋଟ ଆକ୍ରମଣ ହେଲେ ମଧ୍ୟ ଏଥର ଆମେ ଏପରି ଜବାବ ଦେବୁ ଯାହା ଆକ୍ରମଣକାରୀଙ୍କ ସବୁ ଆକଳନକୁ ପଣ୍ଡ କରିଦେବ। ସେ କହିଛନ୍ତି ଯେ ପାକିସ୍ତାନ ଅସ୍ତ୍ରଶସ୍ତ୍ରର ଆକ୍ରମଣ କ୍ଷମତା, ରେଂଜ୍ ଓ ଧ୍ୱଂସାତ୍ମକ ଶକ୍ତି ଭାରତର ଭୌଗୋଳିକ ସ୍ଥିତିକୁ ଓଲଟପାଲଟ କରିଦେବ। ଆମେ ଏପରି ସାମରିକ ଓ ଆର୍ଥିକ କ୍ଷତି ପହଞ୍ଚାଇବୁ ଯାହା ଅସ୍ଥିରତା ସୃଷ୍ଟିକାରୀଙ୍କ କଳ୍ପନାରୁ ବହୁ ଅଧିକ ହେବ ବୋଲି ମୁନିର କହିଛନ୍ତି। ସେ ଯୁଦ୍ଧର ସମ୍ଭାବନା ପାଇଁ ଭାରତକୁ ଦାୟୀ କରି କହିଛନ୍ତି ଯେ, ଏପରି କୌଣସି ସଂଘର୍ଷ ସମଗ୍ର ଦକ୍ଷିଣ ଏସିଆ ଓ ଅନ୍ୟ ଅଂଚଳରେ ମଧ୍ୟ ଭୟଙ୍କର ଭୟଙ୍କର ପରିଣାମ ଆଣିପାରେ। ସୂଚନାଯୋଗ୍ୟ, ମୁନିର୍ରଙ୍କ ଆଜିର ଉତ୍ତେଜକ ବୟାନ ତାଙ୍କର ପୂର୍ବ ଭାଷଣକୁ ମଧ୍ୟ ମନେ ପକାଇଦେଉଛି। ଏପ୍ରିଲ ୧୬, ୨୦୨୫ରେ ଇସଲାମାବାଦରେ ଓଭରସିଜ ପାକିସ୍ତାନୀ ସମ୍ମିଳନୀରେ ସେ କାଶ୍ମୀରକୁ 'ପାକିସ୍ତାନର ଜୀବନ ରେଖା' ବୋଲି ଅଭିହିତ କରିଥିଲେ ଏବଂ ହିନ୍ଦୁମାନଙ୍କ ବିରୋଧରେ ଘୃଣା ଭାଷଣ ରଖିଥିଲେ। ଏହି ଭାଷଣର କିଛି ଦିନ ପରେ ଜମ୍ମୁ-କାଶ୍ମୀରର ପହାଲଗାମରେ ଏକ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକ ନିହତ ହୋଇଥିଲେ। ଆଜି ମୁନିର୍ରଙ୍କ ଭାରତ ବିରୋଧୀ ବୟାନ ଭାରତ-ପାକ୍ ସମ୍ପର୍କକୁ ଆହୁରି ଜଟିଳ କରିପାରେ, ଯାହା କି ପୂର୍ବରୁ କାଶ୍ମୀର ଓ ସୀମାପାର ଆତଙ୍କବାଦ ପାଇଁ ଉତ୍ତେଜନାପୂର୍ଣ୍ଣ ରହିଛି। ଆଫଗାନିସ୍ତାନ ସହ ସଂଘର୍ଷ ସମୟରେ ପାକ୍ ସେନାମୁଖ୍ୟ ଏପରି ବୟାନ ଦେଇ ପାକିସ୍ତାନରେ ଆଭ୍ୟନ୍ତରୀଣ ସମର୍ଥନ ବଢ଼ାଇବାକୁ ଓ ଶକ୍ତି ପ୍ରଦର୍ଶନ କରିବାକୁ ଚେଷ୍ଟା କରୁଥିବା କୁହାଯାଉଛି।

# ବ୍ରହ୍ମୋସ୍ ରେଞ୍ଜରେ ପାକ୍‌ର ପ୍ରତ୍ୟେକ ଇଞ୍ଚ




ଲକ୍ଷ୍ନୌ: ଶନିବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପାକିସ୍ତାନକୁ ଚେତାବନୀ ଦେଇ କହିଛନ୍ତି ଯେ, ପଡ଼ୋଶୀ ଦେଶର ପ୍ରତ୍ୟେକ ଇଞ୍ଚ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ପରିସର ମଧ୍ୟରେ ରହିଛି। ଅପରେସନ୍ ସିନ୍ଦୂର ସମୟରେ ବ୍ରହ୍ମୋସ୍‌ର କ୍ଷମତା ପ୍ରମାଣିତ ହୋଇଥିଲା। ଅପରେସନ୍ ସିନ୍ଦୂରରେ ଯାହା ଘଟିଲା ତାହା କେବଳ ଏକ ଟ୍ରେଲର ଥିଲା। ତେବେ ସେହି ଟ୍ରେଲର ପାକିସ୍ତାନକୁ ହୃଦୟଙ୍ଗମ କରାଇଲା ଯେ, ଯଦି ଭାରତ ପାକିସ୍ତାନକୁ ଜନ୍ମ ଦେଇପାରେ, ତେବେ ଏହା ଆଉ କ'ଣ କରିପାରିବ ସେ ବିଷୟରେ ଆଉ କିଛି କହିବାର ଆବଶ୍ୟକତା ନାହିଁ। ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ ରାଜନାଥ ଲକ୍ଷ୍ନୌର ଏରୋସ୍ପେସ୍ ସଂସ୍ଥାରେ ସ୍ୱଦେଶୀ ଉତ୍ପାଦିତ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର ପ୍ରଥମ ବ୍ୟାଚ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିବା ପରେ ଏହି ମନ୍ତବ୍ୟ ଦେଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ଆହୁରି କହିଛନ୍ତି ଯେ, ବ୍ରହ୍ମୋସ୍ ଭାରତୀୟ ସଶସ୍ତ୍ର ବାହିନୀର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ସ୍ୱପ୍ନକୁ ବାସ୍ତବତାରେ ପରିଣତ କରାଯାଇପାରିବ ବୋଲି ଦେଶର ବିଶ୍ୱାସ ରହିଛି। ଲକ୍ଷ୍ନୌର ସରୋଜିନୀ ନଗରସ୍ଥିତ ଏହାର ନୂତନ ଇଣ୍ଟିଗ୍ରେସନ ଓ ପରୀକ୍ଷଣ ସୁବିଧାରୁ ବ୍ରହ୍ମୋସ୍ ଏରୋସ୍ପେସ୍ କ୍ଷେପଣାସ୍ତ୍ର ପ୍ରଣାଳୀର ପ୍ରଥମ ବ୍ୟାଚ୍ ସଫଳତାର ସହ ଉତ୍ପାଦନ କରିଛି ବୋଲି ଏକ ସରକାରୀ ବିବୃତିରେ କୁହାଯାଇଛି। ମେ ୧୧ ତାରିଖରେ ଉଦ୍‌ଘାଟିତ ହୋଇଥିବା ଏହି ଅତ୍ୟାଧୁନିକ ୟୁନିଟ୍‌ରେ କ୍ଷେପଣାସ୍ତ୍ର ଏକୀକରଣ, ପରୀକ୍ଷଣ ଓ ଚୂଡ଼ାନ୍ତ ଗୁଣବତ୍ତା ଯାଞ୍ଚ ପାଇଁ ସମସ୍ତ ଆଧୁନିକ ସୁବିଧା ରହିଛି। ସଫଳ ପରୀକ୍ଷଣ ପରେ କ୍ଷେପଣାସ୍ତ୍ରଗୁଡ଼ିକୁ ଭାରତୀୟ ସଶସ୍ତ୍ର ବାହିନୀ ଦ୍ୱାରା ମୁତୟନ କରାଯିବ। ରାଜନାଥ ସିଂହ କହିଛନ୍ତି ଯେ ଲକ୍ଷ୍ନୌ କେନ୍ଦ୍ରରୁ ପ୍ରତିବର୍ଷ ପ୍ରାୟ ୧୦୦ କ୍ଷେପଣାସ୍ତ୍ର ପରୀକ୍ଷଣ କରାଯିବ ଓ ସେଗୁଡିକ ତିନି ସେନାକୁ ଯୋଗାଇ ଦିଆଯିବ। ଏହି ବ୍ରହ୍ମୋସ୍ ନିର୍ମାଣ କେନ୍ଦ୍ର ପ୍ରାୟ ୨୦୦ ଏକର ଜମିରେ ନିର୍ମିତ ହୋଇଛି ଏବଂ ଏହା ଶହ ଶହ ଲୋକଙ୍କୁ ନିଯୁକ୍ତି ଯୋଗାଇବ। ତେଜସ୍ ବିମାନର ଇଞ୍ଜିନ୍ ଯୋଗାଣରେ ବିଳମ୍ବକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ଆଜି ଆମେରିକାକୁ ପରୋକ୍ଷ ସମାଲୋଚନା କରିଛନ୍ତି। ବ୍ରହ୍ମୋସର ଷ୍ଟେଲ୍ଥ ଟେକ୍ନୋଲୋଜି ଓ ଉନ୍ନତ ଏମ୍ବେଡେଡ୍ ସଫ୍ଟୱେର୍ ସହିତ ମାର୍ଗଦର୍ଶନ ପ୍ରଣାଳୀ ଏହାକୁ ଅନନ୍ୟ କରିଥାଏ। ଏହାର ସୁପରସୋନିକ୍ ବେଗ ସହିତ ୨୯୦ କିଲୋମିଟର ପର୍ଯ୍ୟନ୍ତ ରେଞ୍ଜ ରହିଛି। ବିଶ୍ୱର ଯେକୌଣସି ଜଣାଶୁଣା ଅସ୍ତ୍ରଶସ୍ତ୍ର ପ୍ରଣାଳୀ ଏହାକୁ ବାଧା ଦେଇ ପାରିବ ନାହିଁ।

# ଦୀପାବଳିର ଜୋସ୍, ସୀମାରେ ଆତସବାଜି ପାଇଁ ଯବାନ ପ୍ରସ୍ତୁତ

ନୂଆଦିଲ୍ଲୀ : ଅପରେସନ୍ 'ସିନ୍ଦୂର' ପରେ ସୀମାରେ ପ୍ରଥମ ଦୀପାବଳି ପାଳନ କରିବାକୁ ଯାଉଛି ଭାରତୀୟ ସେନା । ଆଲୋକର ପର୍ବ ପାଇଁ ଯବାନଙ୍କ ଭିତରେ ସେହିଭଳି ଜୋସ୍ ଦେଖିବାକୁ ମିଳିଛି । ନିଜ ନିଜ ପରିବାରଠୁ ଦୂରରେ ରହି ଦେଶବାସୀଙ୍କ ସୁରକ୍ଷାରେ ବର୍ଡରେ ନିୟୋଜିତ ଥିବା ଯବାନ ମାନେ ଏଥର ଦୀପାବଳିକୁ ଖାସ୍ କରିବା ପାଇଁ ଲାଗି ପଡ଼ିଛନ୍ତି । କିଏ ମୁରୁଜରେ ଶୁଭ ଦୀପାବଳି ଚିତ୍ର ଆଙ୍କିଛନ୍ତି ତ । ଆଉ କିଏ ମହମବତୀ ଲଗାଇ ଅଲୋକର ପର୍ବକୁ ସ୍ୱାଗତ କରିବାକୁ ପୂରା ପ୍ରସ୍ତୁତି କରିଛନ୍ତି । ଘରଠୁ ଦୂରରେ ରହିଲେ ବି ଆମ ପରମ୍ପରା ଓ



ସଂସ୍କୃତିକୁ ଟିକେ ବି ଭୁଲି ନାହାନ୍ତି ଯବାନ । ଖାଲି ଏତିକି ନୁହେଁ, ବିଏସଫ୍ ଯବାନ ମାନେ ଆଲୋକର ପର୍ବ ପାଳିବା ସହ ସୀମା ଏପଟୁ ପାକିସ୍ତାନକୁ ଚେତାବନୀ ମଧ୍ୟ ଦେଇଛନ୍ତି ଆମ ବୀର ଯବାନ । ଦୀପାବଳି ସହ ଅପରେସନ୍ 'ସିନ୍ଦୂର' ପାର୍ଟ-୨ ପାଇଁ ବି ତୟାର ଥିବା ରଣହୁଙ୍କାର ଦେଇଛନ୍ତି ଭାରତୀୟ ସେନା । ସତରେ ଯେମିତି ଆଲୋକର ପର୍ବ ଅନ୍ଧକାରକୁ ଦୂର କରିଥାଏ ସେମିତି ଏହି ଉତ୍ସବ ସେନାବାହିନୀଙ୍କ ମନୋବଳକୁ ଶତ୍ରୁ ସହ ଲଢ଼େଇ କରିବାକୁ ଉତ୍ସାହିତ କରିଥାଏ । ପରିବାରଠୁ ଦୂରରେ ରହିଲେ ବି ପରମ୍ପରାକୁ ବଜାୟ ରଖିବା , ସେମାନଙ୍କର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ ।

# ଦିଲ୍ଲୀ ବ୍ରହ୍ମପୁତ୍ର ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ



ନୂଆଦିଲ୍ଲୀ : ଦିଲ୍ଲୀର ବ୍ରହ୍ମପୁତ୍ର ଆପାର୍ଟମେଣ୍ଟରେ ଅଗ୍ନିକାଣ୍ଡ ଘଟିଛି । ଏହି ଘଟଣା ଘଟିଥିବା ସ୍ଥାନଠାରୁ ସାଂସଦ ଭବନଠାରୁ ମାତ୍ର ୨୦୦ ମିଟର ଦୂରରେ ଥିବା ଜଣାପଡିଛି । ଯେଉଁ ଆପାର୍ଟମେଣ୍ଟରେ ଅନେକ ଲୋକସଭା ଏବଂ ରାଜ୍ୟସଭାର ସାଂସଦ ରହୁଥିବା ଜଣାପଡିଛି । ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ତୁରନ୍ତ ଅଗ୍ନିଶମ ବାହିନୀ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । କିନ୍ତୁ ଏପର୍ଯ୍ୟନ୍ତ ଆହତଙ୍କ ସୂଚନା ମିଳିନାହିଁ । ସୂଚନାନୁଯାୟୀ, ଦିଲ୍ଲୀର ଡକ୍ଟର ବିଶ୍ୱମ୍ଭର ଦାସ ରାସ୍ତାରେ ଥିବା ବ୍ରହ୍ମପୁତ୍ର ଆପାର୍ଟମେଣ୍ଟରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି । ଯାହା ସ୍ଥାନୀୟ ବାସିନ୍ଦା ଏବଂ ଅଧିକାରୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି । ଅଗ୍ନିକାଣ୍ଡକୁ ଆୟତ୍ତ କରିବା ପାଇଁ ୬ ଟି ଦମକଳ ବାହିନୀ ଗାଡ଼ି ନିୟୋଜିତ ରହିଛି । ବର୍ତ୍ତମାନ ଉଦ୍ଧାର କାର୍ଯ୍ୟ ଜାରି ରହିଛି । କିନ୍ତୁ ଏପର୍ଯ୍ୟନ୍ତ ଅଗ୍ନିକାଣ୍ଡର କାରଣ ଜଣାପଡିନାହିଁ ।

ଅନ୍ୟପଟେ ଏହି ଦୁର୍ଘଟଣାରେ ବହୁ କ୍ଷୟକ୍ଷତି ଘଟିଛି । ଏଥିରେ ଅନେକ ଆହତ ମଧ୍ୟ ହୋଇଛନ୍ତି । ସେମାନଙ୍କୁ ଗୁରୁତର ଅବସ୍ଥାରେ ସେମାନଙ୍କ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ବାଣ ଫୁଟାଇବା କାରଣରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି ।

# ପାଟନାରେ ଶାହଙ୍କୁ ଭେଟିଲେ ଚିରାଗ ପାଶ୍ୱାନ

ପାଟନା : ଚିରାଗ ପାଶ୍ୱାନଙ୍କ ନେତୃତ୍ୱାଧୀନ ଲୋକ ଜନଶକ୍ତି ପାର୍ଟି (ରାମ ବିଳାସ) ଶନିବାର ପାଟନାରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଛନ୍ତି ଏବଂ ବିଧାନସଭା ନିର୍ବାଚନ ପାଇଁ ଏନ୍‌?ଡିଏର ପ୍ରସ୍ତୁତି ଏବଂ ରଣନୀତି ସଂକ୍ରାନ୍ତରେ ଆଲୋଚନା କରିଛନ୍ତି। ଏକ୍ସରେ ଏକ ପୋଷ୍ଟ କରି ପାଶ୍ୱାନ କହିଛନ୍ତି, ଆଜି ପାଟନାରେ ଶାହଜୀଙ୍କୁ ଭେଟିଲି ଏବଂ ତାଙ୍କ ସହ ବିହାର ବିଧାନସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଏବଂ ଏନ୍‌?ଡିଏ ମେଣ୍ଟର ରଣନୀତି ସଂକ୍ରାନ୍ତରେ ଆଲୋଚନା କଲି। ସାମ୍ବାଦିକଙ୍କୁ ସୂଚନା ଦେଇ ଚିରାଗ କହିଛନ୍ତି, ପ୍ରତ୍ୟେକ ଆସନ ପାଇଁ ଏନ୍‌?ଡିଏର ରଣନୀତି ସ୍ପଷ୍ଟ ରହିଛି। ଏହା ହେଉଛି ଆମ ମେଣ୍ଟର ଶକ୍ତି ଯେ ଆମେ ବିକଶିତ ଭାରତ ନିର୍ମାଣ ପାଇଁ ଏକ ଐତିହାସିକ ବିଜୟ ଦିଗରେ ଏକାଠି ହାତ ମିଳାଇ କାମ



କରୁଛୁ। ଚିରାଗ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାର ଗଠନ କରିବାପରେ ଗତବର୍ଷ ୧୧ ଥର ବିହାର ଗସ୍ତ କରିଛନ୍ତି। ସେ ବିହାରକୁ କେତେ ଗୁରୁତ୍ୱ ଦେଉଛନ୍ତି ତାହା ଏଥିରୁ ଜଣାପଡୁଛି। ଆସନ ବୁଝାମଣାକୁ ନେଇ ମହାମେଣ୍ଟରେ ଜାରି ରହିଥିବା ବିବାଦକୁ ଇଙ୍ଗିତ କରି ପାଶ୍ୱାନ କହିଛନ୍ତି, ସମାନ ମେଣ୍ଟ?ରେ ବି ପ୍ରାର୍ଥୀମାନେ ପରସ୍ପର ବିରୋଧରେ ପ୍ରାର୍ଥୀ ଦେଉଛନ୍ତି। କିନ୍ତୁ ଏନ୍‌?ଡିଏ ଏହାର ସମସ୍ତ ୫ ସହଯୋଗୀଙ୍କୁ ସମ୍ମାନ ଦେଇଛି ।

# ଦୋହାରେ ପାକ୍-ଆଫ୍‌ଗାନ ଶାନ୍ତି ଆଲୋଚନା



ଦୋହା: ପାକିସ୍ତାନ ଓ ଆଫଗାନିସ୍ତାନ ସୀମାରେ ଭୀଷଣ ସଂଘର୍ଷ ପରେ ଉଭୟ ରାଷ୍ଟ୍ର ଆଜି କତର ରାଜଧାନୀ ଦୋହାରେ ଶାନ୍ତି ଆଲୋଚନା ଆରମ୍ଭ କରିଛନ୍ତି। ଆଲୋଚନାର ପ୍ରଥମ ପର୍ଯ୍ୟାୟରେ ଅସ୍ତ୍ରବିରତି ସମୟସୀମା ବଢ଼ାଇବାକୁ ସହମତି ପ୍ରକାଶ ପାଇଛି। ସୀମାନ୍ତରେ ଲାଗିରହିଥିବା ତିକ୍ତତା ଓ ସଂଘର୍ଷର ସମାଧାନ ପାଇଁଆଫଗାନିସ୍ତାନ ଓ ପାକିସ୍ତାନର ଶୀର୍ଷ ଅଧିକାରୀମାନେ ଏବେ ଦୋହାରେ ଅଛନ୍ତି ଏବଂ ଏହି ଆଲୋଚନା ଆସନ୍ତାକାଲି ମଧ୍ୟ ଜାରି ରହିବ ବୋଲି ଜଣାପଡ଼ିଛି। ୨୦୨୧ରେ ତାଲିବାନ କାବୁଲକୁ ଦଖଲ କରିବା ପରେ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଏବେ ସବୁଠାରୁ ଭୟଙ୍କର ସୀମା ସଂଘର୍ଷ ଚାଲିଛି। କତର ଓ ସାଉଦି ଆରବର ମଧ୍ୟସ୍ଥତାରେ ଏହି ଶାନ୍ତି ଆଲୋଚନା ହେଉଛି। ସୂଚନାଯୋଗ୍ୟ, ଅକ୍ଟୋବର ୧୫-୧୬ରେ ପାକ୍-ଆଫଗାନ ସୀମାନ୍ତ ଜିଲ୍ଲାଗୁଡ଼ିକରେ ତୀବ୍ର ସଂଘର୍ଷ ହୋଇଥିଲା, ଯେଉଁଥିରେ ଉଭୟ ପକ୍ଷରେ ବହୁ ସୈନିକ ଓ ସାଧାରଣ ନାଗରିକଙ୍କ ମୃତାହତ ହୋଇଥିବା ଖବର ମିଳିଥିଲା। ଏହାପରେ ଆନ୍ତର୍ଜାତିକ ମଧ୍ୟସ୍ଥତା ପରେ ଏକ ୪୮ ଘଣ୍ଟିଆ ଅସ୍ତ୍ରବିରତି ଚୁକ୍ତି ହୋଇଥିଲା। ତେବେ ଗତକାଲି ସନ୍ଧ୍ୟାରେ ପାକିସ୍ତାନ ଆଫଗାନିସ୍ତାନର ପାକ୍ତିକା ପ୍ରଦେଶର ତିନୋଟି ସ୍ଥାନରେ ଏୟାରଷ୍ଟ୍ରାଇକ କରି ଏହି ଅସ୍ତ୍ରବିରତିର ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିଲା। ଏହି ଆକ୍ରମଣରେ ଅତିକମରେ ୧୭ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଥିଲା। ତାଲିବାନ ଏହି ଆକ୍ରମଣକୁ ନିନ୍ଦା କରିଥିଲେ ମଧ୍ୟ ଦୋହା ଆଲୋଚନା ପ୍ରକ୍ରିୟାକୁ ସମ୍ମାନ ଦେବା ପାଇଁ ନିଜ ସୈନ୍ୟବାହିନୀକୁ ପ୍ରତିଶୋଧ ନ ନେବାକୁ ନିର୍ଦ୍ଦେଶ ଦେଇଛି। ଆଜି ଦୋହା ଆଲୋଚନାରେ ଆଫଗାନିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ମୁଲ୍ଲା ମହମ୍ମଦ ୟାକୁବ ଏବଂ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ନେତୃତ୍ୱ ନେଇଥିଲେ। ପୂର୍ବରୁ ଯେଉଁ ୪୮ ଘଣ୍ଟିଆ ଅସ୍ତ୍ରବିରତି ଘୋଷଣା କରାଯାଇଥିଲା, ତାହାକୁ ଆଜି ବଢ଼ାଇ ଦିଆଯାଇଛି ଏବଂ ବୈଠକରୁ କୌଣସି ନିଷ୍କର୍ଷ ବାହାରିବା ପର୍ଯ୍ୟନ୍ତ ଅସ୍ତ୍ରବିରତି ଜାରି ରହିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଦୋହା ଆଲୋଚନାର ଫଳାଫଳ ଦୁଇ ଦେଶ ମଧ୍ୟରେ ଆଗାମୀ ଦିନର ସମ୍ପର୍କକୁ ନିର୍ଦ୍ଧାରଣ କରିବ।

# ପଞ୍ଜାବରୁ ବିହାର ଯାଉଥିବା ଗରିବ ରଥ ଏକ୍ସପ୍ରେସ୍‌ରେ ଅଗ୍ନିକାଣ୍ଡ

ନୂଆଦିଲ୍ଲୀ: ପଞ୍ଜାବର ଅମୃତସରରୁ ବିହାରର ସହରସା ଅଭିମୁଖେ ଯାଉଥିବା ଗରିବ ରଥ ଟ୍ରେନ୍ (୧୨୨୦୪)ରେ ଶନିବାର ସକାଳେ ପଞ୍ଜାବର ସିରହିନ୍ଦ ଷ୍ଟେସନ୍ ନିକଟରେ ନିଆଁ ଲାଗିଯାଇଛି। ୧୯ ନମ୍ବର ଏସି ବଗିରେ ସର୍ଟ ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିଲା। ଲୁଧିଆନାର ଅନେକ ବ୍ୟବସାୟୀ ଏହି ବଗିରେ ଯାତ୍ରା କରୁଥିଲେ। ରେଳବାଇ ଓ ଅଗ୍ନିଶମ ବିଭାଗର ତତ୍ପରତା ବଳରେ ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି। କିନ୍ତୁ ଏହି ଦୁର୍ଘଟଣା ଯୋଗୁ ଅନେକ ଟ୍ରେନ୍ ପ୍ରଭାବିତ ହୋଇଛି। ଟ୍ରେନ୍ ଅମ୍ବାଲାଠାରୁ ଅଧକିଲୋମିଟର ଦୂରରେ ଥିବା ସିରହିନ୍ଦ ଷ୍ଟେସନ୍ ନିକଟରେ ପହଞ୍ଚିବା ପରେ ଏହି ଘଟଣା ଘଟିଥିଲା। ଟ୍ରେନର ଗୋଟିଏ ବଗିରୁ ଧୂଆଁ ଉଠୁଥିବାର ଦେଖି ଯାତ୍ରୀମାନେ ତୁରନ୍ତ ରେଳ କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ଡ୍ରାଇଭର ତୁରନ୍ତ ଟ୍ରେନକୁ ଅଟକାଇଥିଲେ, ଯାହା ଫଳରେ ଏକ ବଡ଼ ଦୁର୍ଘଟଣା



ଟଳିଯାଇଥିଲା। ସକାଳ ପ୍ରାୟ ସାଢ଼େ ୭ଟା ବେଳେ ଏହି ଘଟଣା ଘଟିଥିବା ଜଣାପଡ଼ିଛି। ରେଳ ଅଧିକାରୀଙ୍କ କହିବାନୁସାରେ, ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି ଏବଂ କେହି ମୃତାହତ ହେବାର ଖବର ନାହିଁ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ, କିନ୍ତୁ ଯାନ୍ତ୍ରିକ ତ୍ରୁଟି କିମ୍ବା ସର୍ଟ ସର୍କିଟ୍‌କୁ ସମ୍ଭାବ୍ୟ କାରଣ ବୋଲି ବିଶ୍ୱାସ କରାଯାଉଛି। ଅଗ୍ନିକାଣ୍ଡ ଖବର ପ୍ରଚାରିତ ହେବା ମାତ୍ରେ ଯାତ୍ରୀମାନଙ୍କ ମଧ୍ୟରେ କିଛି ସମୟ ପାଇଁ ଆତଙ୍କ ଖେଳିଯାଇଥିଲା। ଅନେକ ଯାତ୍ରୀ ଟ୍ରେନ୍ ଭିତରେ ନିଜର ଲଗେଜ୍ ଛାଡ଼ି ବାହାରକୁ ଦୌଡ଼ିଥିଲେ। କିନ୍ତୁ ରେଳ କର୍ମଚାରୀଙ୍କ ତତ୍ପରତା ଏବଂ ଅଗ୍ନିଶମ ୟୁନିଟ୍‌ର ତ୍ୱରିତ ପ୍ରତିକ୍ରିୟା ଯୋଗୁ ଏକ ସମ୍ଭାବ୍ୟ ବଡ଼ ଦୁର୍ଘଟଣାକୁ ଏଡାଇ ଦିଆଯାଇଥିଲା। ପ୍ରାଥମିକ ରିପୋର୍ଟରୁ ଜଣାପଡିଛି ଯେ, ଅଗ୍ନିକାଣ୍ଡ ହେତୁ ତିନୋଟି କୋଚ୍ କ୍ଷତିଗ୍ରସ୍ତ ହୋଇଛି। ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ କର୍ତ୍ତୃପକ୍ଷ ତଦନ୍ତ ଆରମ୍ଭ କରିଛନ୍ତି।

# ଏବେ ଉପହାର ଦେଇପାରିବେ ଫାଷ୍ଟାଗ୍ ବାର୍ଷିକ ପାସ୍

ନୂଆଦିଲ୍ଲୀ : ଦୀପାବଳିରେ ଆପଣ ନିଜର ପ୍ରିୟଜନଙ୍କୁ ବାର୍ଷିକ ଫାଷ୍ଟାଗ ପାସ ଦେଇପାରିବେ। ଏହି ବାର୍ଷିକ ପାସ୍ ରାଜମାର୍ଗଯାତ୍ରା ଆପ୍ ମାଧ୍ୟମରେ ଉପହାର ଦିଆଯାଇପାରିବ। ଆପରେ 'ପାସ୍ ଯୋଡନ୍ତୁ' ବିକଳ୍ପରେ କ୍ଲିକ୍ କରି, ବ୍ୟବହାରକାରୀ ଫାଷ୍ଟାଗ୍ ବାର୍ଷିକ ପାସ୍ ଉପହାର ଦେବାକୁ ଚାହୁଁଥିବା ବ୍ୟକ୍ତିଙ୍କ ଗାଡ଼ି ନମ୍ବର ଏବଂ ଯୋଗାଯୋଗ ବିବରଣୀ ଯୋଗ କରିପାରିବେ। ସରଳ ଓଟିପି ଯାଞ୍ଚ ପରେ ବାର୍ଷିକ ପାସ୍ ସେହି ଗାଡ଼ିରେ ସଂଲଗ୍ନ




ଫାଷ୍ଟାଗରେ ସକ୍ରିୟ ହୋଇଯିବ। ଫାଷ୍ଟାଗ୍ ବାର୍ଷିକ ପାସ୍ ଜାତୀୟ ରାଜପଥ ବ୍ୟବହାରକାରୀଙ୍କୁ ଏକ ସୁଗମ ଏବଂ ସୁଲଭ ଯାତ୍ରା ବିକଳ୍ପ ପ୍ରଦାନ କରେ ଏବଂ ଏହା ସାରା ଭାରତରେ ପ୍ରାୟ ୧୧୫୦ ଟୋଲ୍ ପ୍ଲାଜାରେ ପ୍ରଯୁଜ୍ୟ। ବାର୍ଷିକ ପାସ୍ ଏକ ବର୍ଷ ବୈଧତା ପାଇଁ ୩୦୦୦ ଟଙ୍କା କିମ୍ବା ୨୦୦ ଟୋଲ୍ ପ୍ଲାଜା କ୍ରସିଂ ପାଇଁ ଏକକାଳୀନ ଫି ପେମେଣ୍ଟ ମାଧ୍ୟମରେ ଫାସ୍ଟ୍ୟାଗ ବାରମ୍ବାର ରିଚାର୍ଜ କରିବାର ଆବଶ୍ୟକତାକୁ ଦୂର କରେ। ଏହି ପାସ୍ ଏକ ବୈଧ ଫାଷ୍ଟାଗ୍ ସହିତ ସମସ୍ତ ଅଣ-ବାଣିଜ୍ୟିକ ଯାନ ପାଇଁ ପ୍ରଯୁଜ୍ୟ। ରାଜମାର୍ଗଯାତ୍ରା ଆପ୍ ମାଧ୍ୟମରେ ଏକକାଳୀନ ଶୁଳ୍କ ପେମେଣ୍ଟ ପରେ ଯାନ ସହିତ ଲିଙ୍କ୍ ହୋଇଥିବା ଫାସ୍ଟ୍ୟାଗରେ ଦୁଇ ଘଣ୍ଟା ମଧ୍ୟରେ ବାର୍ଷିକ ପାସ୍ ସକ୍ରିୟ ହୋଇଯାଏ।

୧୫ ଅଗଷ୍ଟ ୨୦୨୫ରେ ଶୁଭାରମ୍ଭ ହୋଇଥିବା ଫାସ୍ଟ୍ୟାଗ ବାର୍ଷିକ ପାସ୍ ପଚିଶ ଲକ୍ଷ ଉପଭୋକ୍ତାଙ୍କ ଐତିହାସିକ ସଂଖ୍ୟା ଅତିକ୍ରମ କରି ଏହାର ଶୁଭାରମ୍ଭ ହେବାର ଦୁଇ ମାସ ମଧ୍ୟରେ ପ୍ରାୟ ୫.୬୭ କୋଟି ଟ୍ରାଞ୍ଜାକ୍ସନ ରେକର୍ଡ କରାଯାଇଛି। ଫାଷ୍ଟାଗ୍ ବାର୍ଷିକ ପାସ୍ ପ୍ରତି ଅହେତୁକ ଚାହିଦା ରହିଛି ଏବଂ ଜାତୀୟ ରାଜପଥ ବ୍ୟବହାରକାରୀଙ୍କ ଯାତ୍ରାକୁ ସୁଗମ କରିଛି।

# ଜିଲ୍ଲା ଚେସ ଚାମ୍ପିଅନସିପ୍ ଉଦ୍‌ଘାଟିତ

**କେନ୍ଦ୍ରାପଡ଼ା, ୧୮।୧୦ (ମହାଭାରତ):** କେନ୍ଦ୍ରାପଡ଼ା ଜିଲ୍ଲା ଚେସ ଆସୋସିଏସନ୍ ଆନୁକୂଲ୍ୟରେ ଆଜି ସ୍ଥାନୀୟ ଗରପୁର୍ ଠାରେ ଥିବା ସ୍ୱୟଂସିଦ୍ଧା ହୋଟେଲରେ ଚଳିତ ବର୍ଷର କେନ୍ଦ୍ରାପଡ଼ା ଜିଲ୍ଲା ଚେସ ଚାମ୍ପିଅନସିପ୍-୨୦୨୫ ତଥା ୫ମ ଡକ୍ଟର ବୈଷ୍ଣବ ପରିଡ଼ା ସ୍ମାରକୀ ଚେସ ଚାମ୍ପିଅନସିପ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ାର ସାଂସଦ ଶ୍ରୀ ବୈଜୟନ୍ତ ପଣ୍ଡା ଉପସ୍ଥିତ ରହି ଖେଳାଳୀମାନଙ୍କୁ ଉତ୍ସାହିତ କରିବା ସହିତ ଡକ୍ଟର ବୈଷ୍ଣବ ପରିଡ଼ାଙ୍କ ଜୀବନୀ ପୁସ୍ତକର ଉନ୍ମୋଚନ କରିଥିଲେ।




ଅନ୍ୟତମ ଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ଗୌତମ ମଲ୍ଲିକ ଯୋଗ ଦେଇଥିବାବେଳେ ଆସୋସିଏସନ୍‌ର ସଭାପତି କିଶୋର ପଣ୍ଡା, ସମ୍ପାଦକ ଭବେଶ୍ ମହାନ୍ତି, କାର୍ଯ୍ୟକାରୀ ସଭାପତି ହାଡିବନ୍ଧୁ ସିଂହ, ସ୍ୱାଗତ ସମିତିର ସଂଯୋଜକ ଶକ୍ତି ଶ୍ରୀ ଲେଙ୍କା ପ୍ରମୁଖ ଉଦବୋଧନ ଦେଇଥିବାବେଳେ ଆସୋସିଏସନ୍‌ର ଉପସଭାପତି ଲଲାଟ କେଶରୀ ସାମଲ ମଂଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖେଳାଳୀମାନଙ୍କୁ ଉତ୍ସାହିତ କରିବା ପାଇଁ ବିଜେପିର ବରିଷ୍ଠ ନେତା ବିଷ୍ଣୁ ଦାସ, ତେଜେଶ୍ୱର୍ ପରିଡ଼ା, ଲଳିତ ବେହେରା, କଳ୍ପନା ମଲ୍ଲିକ, ସଞ୍ଜୟ ରଥ, ପ୍ରତାପ ଦାସ, ଉପିନ୍ ରାଉତ, କିଶୋର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବିଜେପିର ବରିଷ୍ଠ ନେତା ସୁନାକର ବେହେରା ଚତୁର୍ଥ ରାଉଣ୍ଡ ଉଦ୍‌ଘାଟନ କରିଥିଲେ। ସୂଚନା ଥାଉକି ଦୁଇଦିନ ଧରି ହେବାକୁ ଥିବା ଏହି ଟୁର୍ଣ୍ଣାମେଂଟରେ ମୋଟ ୬୪ ଜଣ ଖେଳାଳି ବିଭିନ୍ନ ବ୍ଲକ୍‌ରୁ ଭାଗ ନେଇଛନ୍ତି। ଖେଳର ସୁପରିଚାଳନା ପାଇଁ ଶ୍ରୀମତୀ ପିଙ୍କି ମହାପାତ୍ର ଦାୟିତ୍ୱ ନେଇଥିବାବେଳେ ଆସୋସିଏସନ୍‌ର ଅନ୍ୟତମ ଉପସଭାପତି ଧରଣୀ ସେଠୀ, କୋଷାଧ୍ୟକ୍ଷ ନାରାୟଣ ଦାସ, କାର୍ଯ୍ୟକାରିଣୀ ସଦସ୍ୟ ଗୋପିବଲ୍ଲବ ନାୟକ, ସତ୍ରେ ହେମ୍ବ୍ରମ, ନେହେରୁ ସାହୁ ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରୁଛନ୍ତି। ଆସନ୍ତା କାଲି ଅପରାହ୍ନ ୪ ଘଟିକା ସମୟରେ ଏହା ଉଦ୍‌ଯାପିତ ହେବ।

# ପାକିସ୍ତାନ ସହ ସିରିଜ ବାତିଲ କରିବ ଆଫଗାନିସ୍ତାନ

**ନୂଆଦିଲ୍ଲୀ, ୧୮।୧୦ (ଏଜେନ୍ସି):** ଟ୍ରାଇ-ସିରିଜରେ ଖେଳିବାକୁ ଆଫଗାନିସ୍ତାନ ମନା କରିବା ପରେ ପାକିସ୍ତାନ କ୍ରିକେଟ ବୋର୍ଡ ଭିତରେ ଅଶାନ୍ତି ସୃଷ୍ଟି ହୋଇଛି। ଶ୍ରୀଲଙ୍କା ହେଉଛି ଆୟୋଜକ ପାକିସ୍ତାନ ଏବଂ ଆଫଗାନିସ୍ତାନ ସହିତ ଟ୍ରାଇ-ସିରିଜରେ ତୃତୀୟ ଦଳ। ଯଦି ଏହି ସିରିଜ ବାତିଲ ହୁଏ, ତେବେ ପିସିବି କୋଟି କୋଟି ଟଙ୍କାର କ୍ଷତି ସହିପାରେ। ପାକଟିକାରେ ତିନି ଜଣ ଆଫଗାନିସ୍ତାନ କ୍ରିକେଟରଙ୍କ ହତ୍ୟା ପରେ, ଆଫଗାନିସ୍ତାନ ପାକିସ୍ତାନରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ଟି-୨୦ ଟ୍ରାଇ-ସିରିଜରୁ ଓହରିଯାଇଛି, ଏହାକୁ 'ପାକିସ୍ତାନ ଶାସନ ଦ୍ୱାରା ସଂଗଠିତ କାପୁରୁଷ ଆକ୍ରମଣ' ବୋଲି କହିଛି। ପାକିସ୍ତାନ, ଆଫଗାନିସ୍ତାନ ଏବଂ ଶ୍ରୀଲଙ୍କା ମଧ୍ୟରେ ସିରିଜ ୧୭ ନଭେମ୍ବରରୁ ୨୯ ତାରିଖ ପର୍ଯ୍ୟନ୍ତ ରାୱଲପିଣ୍ଡି ଏବଂ ଲାହୋରରେ ଖେଳାଯିବାର କାର୍ଯ୍ୟକ୍ରମ ଥିଲା। ତିନି ଜଣ ଆଫଗାନିସ୍ତାନ କ୍ଲବ-ସ୍ତରୀ କ୍ରିକେଟରଙ୍କ ମୃତ୍ୟୁ ପରେ କ୍ରିକେଟ ଜଗତ ଆଶ୍ଚର୍ଯ୍ୟ ହୋଇଯାଇଛି।

ଆଫଗାନିସ୍ତାନର ମନା ପରେ, ଏହି ଟ୍ରାଇ-ସିରିଜ ଏବେ ବିପଦରେ ପଡ଼ିଛି। ତଥାପି, ପିସିବି ଏପର୍ଯ୍ୟନ୍ତ ସିରିଜ ନିର୍ଦ୍ଧାରିତ ସମୟରେ ଆୟୋଜନ କରିବାକୁ ଜିଦ ଧରିଛି। ପାକିସ୍ତାନ କ୍ରିକେଟ ବୋର୍ଡ ଏବେ ଏକ ତୃତୀୟ ଦଳ ଖୋଜୁଛି। ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ରାଜନୈତିକ ସମ୍ପର୍କ ବହୁତ ଖରାପ ହୋଇଛି ଏବଂ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ପହଞ୍ଚିଛି।



ଯଦି ମ୍ୟାଚ ବିନା ସିରିଜ ବାତିଲ ହୁଏ, ତେବେ ପିସିବି କୋଟି କୋଟି ଟଙ୍କାର କ୍ଷତି ସହିପାରେ। କାରଣ ଏଥିରେ ପ୍ରସାରଣ ଅଧିକାର, ଟିକେଟ ବିକ୍ରୟ ଏବଂ ପ୍ରାୟୋଜକତା ଜଡିତ। ଆଫଗାନିସ୍ତାନ କ୍ରିକେଟ ବୋର୍ଡ ଏକ କଠୋର ବିବୃତ୍ତିରେ କହିଛି ଯେ ଏହାର ଖେଳାଳି କବୀର, ସିବଘାଟୁଲ୍ଲା ଏବଂ ହାରୁନଙ୍କ ମୃତ୍ୟୁ ହେବାରେ ଏହା ଗଭୀର ଦୁଃଖିତ, ଯେଉଁମାନେ ପାକଟିକା ପ୍ରଦେଶର ଆର୍ଗୁନ ଜିଲାରେ ପ୍ରାଦେଶିକ ରାଜଧାନୀ ଶରାଣାରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଦେଖି ଫେରୁଥିବା ସମୟରେ ଅନ୍ୟ ପାଞ୍ଚ ଜଣଙ୍କ ସହିତ ପ୍ରାଣ ହରାଇଥିଲେ। ଏହି ଘଟଣାରେ ଅନ୍ୟ ସାତ ଜଣ ଆହତ ହୋଇଛନ୍ତି। 'ଆଫଗାନିସ୍ତାନ କ୍ରିକେଟ ବୋର୍ଡ ପାକ୍ଟିକା ପ୍ରଦେଶର ଆର୍ଗୁନ ଜିଲାରେ ଏହାର ସାହସୀ କ୍ରିକେଟରଙ୍କ ମୃତ୍ୟୁ ହେବାରେ ଗଭୀର ସମବେଦନା ପ୍ରକାଶ କରୁଛି। ସେମାନଙ୍କୁ ପାକିସ୍ତାନୀ ଶାସନ ଦ୍ୱାରା ଏକ କାପୁରୁଷ ଆକ୍ରମଣରେ ଟାର୍ଗେଟ କରାଯାଇଥିଲା।' ଏଥିରେ ଆହୁରି କୁହାଯାଇଛି, 'ଏହା ଆଫଗାନିସ୍ତାନ କ୍ରୀଡ଼ା ଜଗତ, ଖେଳାଳି ଏବଂ କ୍ରିକେଟ ଜଗତ ପାଇଁ ଏକ ବଡ଼ କ୍ଷତି। ପୀଡିତଙ୍କ ପ୍ରତି ସମବେଦନା ଜଣାଇ ଏବଂ ଏହି ଘଟଣାର ପ୍ରତିକ୍ରିୟାରେ, ଆଫଗାନିସ୍ତାନ କ୍ରିକେଟ ବୋର୍ଡ ନଭେମ୍ବର ଶେଷ ଭାଗରେ ପାକିସ୍ତାନରେ ଅନୁଷ୍ଠିତ ହେବାକୁ ଥିବା ତ୍ରିକୋଣୀ। ଟି-୨୦ ସିରିଜରୁ ଓହରି ଯିବାକୁ ନିଷ୍ପତ୍ତିନେଇଛି।' ଆଲ୍ଲା ସମସ୍ତ ମୃତକଙ୍କୁ ସ୍ୱର୍ଗ ଏବଂ ଆହତମାନଙ୍କୁ ଶୀଘ୍ର ଆରୋଗ୍ୟ ପ୍ରଦାନ କରନ୍ତୁ। ବିଭିନ୍ନ ରିପୋର୍ଟ ଅନୁଯାୟୀ, ପାକିସ୍ତାନ ପାକଟିକା ପ୍ରଦେଶର ଅର୍ଗୁନ ଏବଂ ବର୍ମାଲ ଜିଲାରେ ବିମାନ ଆକ୍ରମଣ କରିଛି, ଯାହା ଦୁଇ ଦେଶ ମଧ୍ୟରେ ଯୁଦ୍ଧବିରତି ବାଧା ସୃଷ୍ଟି କରିଛି। ଷ୍ଟାର ସ୍ପିନର ରସିଦ ଖାନ ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି ଏବଂ କହିଛନ୍ତି ଯେ ଆଫଗାନିସ୍ତାନରେ ପାକିସ୍ତାନର ବିମାନ ଆକ୍ରମଣରେ ସାଧାରଣ ନାଗରିକଙ୍କ ମୃତ୍ୟୁରେ ସେ ଗଭୀର ଦୁଃଖିତ।

# ଅଗରକରଙ୍କୁ ଆଇନା ଦେଖାଇଲେ ସାମି

**କୋଲକାତା, ୧୮।୧୦ (ଏଜେନ୍ସି):** ରଣଜୀ ମ୍ୟାଚରେ ଦମଦାର ଫର୍ମରେ ନଜର ଆସିଲେ ମହମ୍ମଦ ସାମି। ୭ ୱିକେଟ ନେଇ ବିପକ୍ଷ ଦଳକୁ ଚିତପଟାଙ୍ଗ କରିବା ସହ ଟିମ୍ ଇଣ୍ଡିଆର ଚୟନକର୍ତ୍ତାଙ୍କୁ କଡ଼ା ଜବାବ ଦେଇଛନ୍ତି। ଆଉ ସେ ଟିମ୍ ଇଣ୍ଡିଆକୁ ଫେରିବାକୁ ପୂରା ଫିଟ୍ ବୋଲି ନିଜକୁ ପ୍ରମାଣିତ ବି କରିଛନ୍ତି।





୨୦୨୫-୨୬ ରଣଜୀ ଟ୍ରଫିରେ ବେଙ୍ଗଲ ତାର ପ୍ରଥମ ମ୍ୟାଚ୍ ଉତ୍ତରାଖଣ୍ଡ ବିପକ୍ଷରେ ଖେଳିଥିଲା। କୋଲକାତାର ଇଡେନ୍ ଗାର୍ଡେନରେ ଅନୁଷ୍ଠିତ ଏହି ଏଲିଟ୍ ଗ୍ରୁପ୍ ସି ମ୍ୟାଚରେ ଦ୍ରୁତ ବୋଲର ମହମ୍ମଦ ସାମି ବିପର୍ଯ୍ୟୟ ଘଟାଇଥିଲେ। ସାମି ଉଭୟ ଇନିଂସରେ ବେଙ୍ଗଲ ପାଇଁ ଚମତ୍କାର ବୋଲିଂ କରିଥିଲେ। ପ୍ରଥମ ଇନିଂସରେ ସେ ୩୭ ରନ୍ ଦେଇ ତିନୋଟି ୱିକେଟ୍ ନେଇଥିଲେ। ଦ୍ୱିତୀୟ ଇନିଂସରେ ସେ ୩୮ ରନ୍ ଦେଇ ଚାରିଟି ୱିକେଟ୍ ନେଇଥିଲେ। ଏହାର ଅର୍ଥ ସେ ମ୍ୟାଚରେ ମୋଟ ସାତଟି ୱିକେଟ୍ ନେଇଥିଲେ।

ମହମ୍ମଦ ସାମି ତାଙ୍କର ପ୍ରଭାବଶାଳୀ ପ୍ରଦର୍ଶନ ସହିତ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କୁ ଆଇନା ଦେଖାଇଛନ୍ତି। ଅଗରକର ଏକ ସାକ୍ଷାତକାରରେ କହିଥିଲେ ଯେ ସାମି ଫିଟ୍ ନାହାଁନ୍ତି, ଏବଂ ଯଦି ସେ ଫିଟ୍ ହୋଇଥାନ୍ତେ, ତେବେ ସେ ନିଶ୍ଚିତ ଭାବରେ ଅଷ୍ଟ୍ରେଲିଆ ଗସ୍ତର ଅଂଶ ହୋଇଥାନ୍ତେ। ସାମି ଶେଷ ଥର ଭାରତ ପାଇଁ ଆଇସିସି ଚମ୍ପିଅନ୍ସ ଟ୍ରଫି ୨୦୨୫ରେ ଖେଳିଥିଲେ। ପରବର୍ତ୍ତୀ ସମୟରେ ସେ ଇଂଲଣ୍ଡ ଗସ୍ତ, ଏସିଆ କପ୍ ଏବଂ ଘରୋଇ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଟେଷ୍ଟ ସିରିଜରେ ଚାନ ହୋଇନଥିଲେ। ବର୍ତ୍ତମାନ, ସାମି ଅଷ୍ଟ୍ରେଲିଆ ଗସ୍ତର ମଧ୍ୟ ଅଂଶ ନୁହଁନ୍ତି, ଯେଉଁଠାରେ ଭାରତୀୟ ଦଳ ତିନୋଟି ଦିନିକିଆ ଏବଂ ପାଞ୍ଚଟି ଟି-୨୦ ଖେଳିବାର କାର୍ଯ୍ୟକ୍ରମ ଅଛି।

ଅଷ୍ଟ୍ରେଲିଆ ଗସ୍ତରୁ ବାଦ ପଡ଼ିବା ନେଇ ମହମ୍ମଦ ସାମି ନିଜର ନିରାଶା ପ୍ରକାଶ କରିଥିଲେ। ସେ ଅଜିତ ଅଗରକରଙ୍କୁ ସମାଲୋଚନା କରିଥିଲେ। ସେ କହିଥିଲେ, ଚୟନ ମୋ ହାତରେ ନାହିଁ। ଯଦି ମୋର କୌଣସି ଫିଟନେସ୍ ସମସ୍ୟା ଅଛି, ତେବେ ମୁଁ ବେଙ୍ଗଲ ପାଇଁ ଖେଳିବା ଉଚିତ୍ ନୁହେଁ। ଯଦି ମୁଁ ଚାରି ଦିନିଆ କ୍ରିକେଟ୍ ଖେଳିପାରିବି, ତେବେ ମୁଁ ୫୦ ଓଭର କ୍ରିକେଟ୍ ମଧ ଖେଳିପାରିବି। ମୋତେ ଆଉ କିଛି କହିବାର ଆବଶ୍ୟକତା ନାହିଁ ଏବଂ ମୁଁ କୌଣସି ବିବାଦ ସୃଷ୍ଟି କରିବାକୁ ଚାହୁଁନାହିଁ। ଆଘାତରୁ ସୁସ୍ଥ ହେବା ପରେ ମହମ୍ମଦ ସାମି କେବଳ ୯ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଭାରତ ପାଇଁ ସାମିଙ୍କ ଶେଷ ଟେଷ୍ଟ ମ୍ୟାଚ୍ ଜୁନ୍ ୨୦୨୩ରେ ଥିଲା।

ଅଜିତ ଅଗରକର ପୂର୍ବରୁ କହିଥିଲେ ଯେ ଟେଷ୍ଟ ଦଳରେ ସ୍ଥାନ ପକ୍କା କରିବା ପାଇଁ ସାମିଙ୍କୁ କିଛି ରେଡ୍-ବଲ୍ ମ୍ୟାଚ୍ ଖେଳିବାକୁ ପଡିବ। ଅଗରକର କହିଥିଲେ, ଆମେ ଜାଣୁ ଯେ ସେ ଜଣେ ଖେଳାଳି ଭାବରେ କ'ଣ କରିପାରିବେ, କିନ୍ତୁ ତାଙ୍କୁ କିଛି କ୍ରିକେଟ୍ ଖେଳିବାକୁ ପଡିବ। ମହମ୍ମଦ ସାମିଙ୍କ ଘାତକ ବୋଲିଂ ଯୋଗୁଁ ଉତ୍ତରାଖଣ୍ଡ ପ୍ରଥମ ଇନିଂସରେ ୨୧୩ ଏବଂ ଦ୍ୱିତୀୟ ଇନିଂସରେ ୨୬୫ ରନରେ ସୀମିତ ରହିଥିଲା। ବେଙ୍ଗଲ ତା'ର ଇନିଂସରେ ୩୨୩ ରନ କରିଥିଲା। ପ୍ରଥମ ଇନିଂସ ଆଧାରରେ, ବେଙ୍ଗଲ ୧୧୦ ରନର ଅଗ୍ରଣୀ ପାଇଥିଲା। ଆଉ ୧୫୬ ରନର ବିଜୟ ଲକ୍ଷ୍ୟକୁ ପୂରା କରି ବେଙ୍ଗଲ ୮ ୱିକେଟରେ ବିଜୟୀ ହୋଇଥିଲା।

# ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟିତ




**କେନ୍ଦ୍ରାପଡ଼ା, ୧୮।୧୦ (ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ପ୍ରତି ଲୋକସଭା ସ୍ତରରେ ଆୟୋଜିତ ହେଉଥିବା ସାଂସଦ ଖେଳ ମହୋତ୍ସବ -୨୦୨୫ କେନ୍ଦ୍ରାପଡ଼ା ଲୋକସଭାରେ ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ପତାକା ଉତୋଳନ କରି ଉଦଘାଟିତ କରିଥିଲେ। ସ୍ଥାନୀୟ କେନ୍ଦ୍ରାପଡ଼ା ଉଚ୍ଚ ବିଦ୍ୟାଳୟ ପଡିଆରେ ମହୋତ୍ସବ ପରିଚାଳନା ସମିତି ସଭ୍ୟ ତଥା ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚା ଉପସଭାପତି ସଲିମ ଖାଁ ଙ୍କ ସଂଯୋଜନାରେ ଆୟୋଜିତ ଏକ ସଭାରେ ସାଂସଦ ଶ୍ରୀଯୁକ୍ତ ପଣ୍ଡାଙ୍କ ସମେତ ମହାକାଳପଡ଼ାର ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକ, ଜିଲ୍ଲାପାଳ ରଘୁରାମ ଆର ଆୟାର, ବିଜେପି ରାଜ୍ୟ ଉପସଭାପତି ବିଷ୍ଣୁ ଦାସ, ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠୀ, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ବିଜେପି ନେତା କୃଷଚନ୍ଦ୍ର ପଣ୍ଡା, ତେଜେଶ୍ୱର ପରିଡା, ଲଳିତ ବେହେରା, ଗୀତାଞ୍ଜଳୀ ସେଠୀ,ସୁମନ୍ତ ଘଡେଇ, ମହୋତ୍ସବର ସଂଯୋଜକ ସୁନାକର ବେହେରା, ମହିଳା କମିଶନ ସଦସ୍ୟ ଡ଼ କଳ୍ପନା ମଲ୍ଲିକ, କିଶୋର କୁମାର ପଣ୍ଡା, ଦୁର୍ଯ୍ୟୋଧନ ସାହୁ, ଜିଲ୍ଲା ଉପସଭାପତି ଅଭିମନ୍ୟୁ ଗୋଛାୟତ,ସଞ୍ଜୟ ରଥ, ସାଧାରଣ ସମ୍ପାଦକ ଉପିନ କୁମାର ରାଉତ, ଜ୍ୟୋତ୍ସ୍ନାରାଣୀ ଜେନା, ଜାନକୀ ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଜିଲ୍ଲା ଶାରୀରିକ ନିରୀକ୍ଷକ ସ୍ମିତାପ୍ରଭା ସାହୁ ପ୍ରମୁଖ ଯୋଗଦେଇ କେନ୍ଦ୍ରାପଡ଼ା ଲୋକସଭା କ୍ଷେତ୍ରରେ କ୍ରୀଡା କ୍ଷେତ୍ରରେ ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକ ଲୋଚନକୁ ଆଣିବା ଓ ସେମାନଙ୍କୁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ନିଜର ଉତ୍କର୍ଷତାକୁ ପ୍ରତିପାଦନ କରିବା ପାଇଁ ସୁଯୋଗ ଦେବା ଏହି ଖେଳ ମହୋତ୍ସବର ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ। ପ୍ରକାଶ ଥାଉକି, ଏହି ମହୋତ୍ସବରେ କେନ୍ଦ୍ରାପଡ଼ା ଲୋକସଭାରେ ପଞ୍ଜିକୃତ ହୋଇଥିବା ପ୍ରାୟ ପଚାଶ ହଜାର କ୍ରୀଡ଼ାବିତଙ୍କୁ ନେଇ ପ୍ରଥମେ ଜିଲ୍ଲା ପରିଷଦ ଜୋନ ସ୍ତରରେ, ତା' ପରେ ବ୍ଲକ ସ୍ତରରେ ଓ ଆସନ୍ତା ଡ଼ିସେମ୍ବର ୨୫ ତାରିଖରେ ସୁଦ୍ଧା ଲୋକସଭା ସ୍ତରରେ ପ୍ରାୟ ୮ ପ୍ରକାର ଖେଳକୁ ନେଇ ପ୍ରତିଯୋଗିତାମାନ ଆୟୋଜନ କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଭାରତୀ ବିଦ୍ୟା ମନ୍ଦିରର ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରଥିବା ବେଳେ ଭଲିବଲ ଖେଳ ପାଇଁ ରେଫେରୀ ଭାବେ ମନୋଜ କୁମାର ସାହୁ, ଉମାକାନ୍ତ କର, ବିକାଶ ସିଂ, ସ୍ୱରାଜ ଚୌଧୁରୀ, ସନ୍ଦୀପ ମହାନ୍ତି, ଉତ୍କଳ ମହାପାତ୍ର, ଶକ୍ତିସ୍ୱରୂପ ସାହୁ, ଝାନ୍ସୀରାଣୀ ଦାସ, ସୁଶ୍ରୀ ସଂଗୀତା ଜେନା ଏବଂ କବାଡି ପ୍ରତିଯୋଗିତା ପାଇଁ ସସ୍ମିତା ପଣ୍ଡା, ବ୍ୟାସଦେବ ବେବର୍ତ୍ତା, ରମେଶ ଦଳାଇ, ବିଶ୍ୱରଂଜନ ସେଠୀ, ପ୍ରଫୁଲ୍ଲ କୁମାର ସାହୁ, ସୁଶାନ୍ତ କୁମାର ଦାସ, ମଧୁସୂଦନ ଦାସ ଓ ବ୍ରଜକିଶୋର ପରିଡା ପ୍ରମୁଖ କ୍ରୀଡା ପରିଚାଳନା କରିଥିଲେ।

# ଓଡ଼ିଶାକୁ ଆଲୋକିତ ରଖୁଛନ୍ତି ଟାଟାପାୱାରର ୧୫ ହଜାର କର୍ମଚାରୀ

**ଭୁବନେଶ୍ୱର, ୧୮।୧୦:** ଦୀପାବଳିର ଆଲୋକରେ ଯେତେବେଳେ ସାରା ଓଡ଼ିଶା ଆଲୋକିତ ହେଉଛି, ସେତେବେଳେ ଟାଟା ପାୱର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍ ଗୁଡିକର ୧୫୦୦୦ ରୁ ଅଧିକ ଗ୍ରାଉଣ୍ଡ ଷ୍ଟାଫ ମାନେ ନିରବରେ ଦିନ ରାତି କାମ କରୁଛନ୍ତି। ଏହି ଲାଇନମ୍ୟାନ୍, ଇଞ୍ଜିନିଅର ଓ ସହାୟକ ଦଳମାନେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରୁଛନ୍ତି ଯାହା ଫଳରେ ସାରା ରାଜ୍ୟର ପ୍ରତିଟି ଘରେ ବିନା କୌଣସି ବାଧାରେ ଉତ୍ସବ ମନାଯାଇପାରୁଛି। ଭୁବନେଶ୍ୱରରୁ ଆରମ୍ଭ କରି ରାଜ୍ୟର ସବୁଠୁ ଦୂର ଗ୍ରାମ ପର୍ଯ୍ୟନ୍ତ, ଏହି ଉତ୍ସବ ଋତୁରେ ଯେଉଁ ଆଲୋକ ଜଳୁଛି ସେହି ଆଲୋକ ପଛରେ ଅଛି ଏହି ଅଜଣା ନାୟକମାନଙ୍କ ନିଷ୍ଠା ଓ ସତର୍କତା। ଯେତେବେଳେ ପ୍ରତ୍ୟକ ଘର ଦୀପ, ଏଲଇଡି ଲାଇଟ୍, ସଙ୍ଗୀତ ଓ ହସରେ ଜୀବନ୍ତ ହୋଇଉଠୁଛି, ସେତେବେଳେ ଏହି ଆଗଧାଡିର କର୍ମଚାରୀମାନେ ବାହାରେ ରହି ସୁନିଶ୍ଚିତ କରୁଛନ୍ତି ଯେଭଳି ପ୍ରତ୍ୟେକ ମୁହୂର୍ତ୍ତ ଆଲୋକିତ ଏବଂ ସୁରକ୍ଷିତ ରହିବ। ଉତ୍ସବ ସମୟରେ ବିଦ୍ୟୁତ୍ ଚାହିଦା ସର୍ବାଧିକ ଥିବା ସମୟରେ, ଟାଟା ପାୱର ଓଡ଼ିଶା ଡିସକମ୍ ଗୁଡିକ (ଟିପିଏନଓଡିଏଲ, ଟିପିଏସଓଡିଏଲ, ଟିପିସିଓଡିଏଲ ଓ ଟିପିଡବ୍ଲୁଓଡିଏଲ) ସମସ୍ତେ କିଭଳି ନିରବଚ୍ଛିନ୍ନ ସେବା ପାଇବେ ସେଥିପାଇଁ ପ୍ରୟାସ ଜାରି ରଖିଛନ୍ତି। ଉତ୍ସବ ପୂର୍ବରୁ ହିଁ ଡିସକମ୍ ଗୁଡିକ ନେଟୱାର୍କ ଯାଞ୍ଚ, ଭିତ୍ତିଭୂମି ସୁଦୃଢ଼ୀକରଣ ଓ ପର୍ବପର୍ବାଣୀ ସମୟରେ ବିଦ୍ୟୁତ ଚାହିଦାକୁ ନିୟନ୍ତ୍ରଣ କରିବା ପାଇଁ କଣ୍ଟ୍ରୋଲ୍ ସେଣ୍ଟରଗୁଡ଼ିକୁ ପ୍ରସ୍ତୁତ ରଖିଛନ୍ତି। ସ୍ଥାନୀୟ ତ୍ରୁଟି ସମାଧାନ କରୁଥିବା ଏକ ଲାଇନମାନ୍ ହେଉ, ଲୋଡ଼ ଫ୍ଲୋ ନିରୀକ୍ଷଣ କରୁଥିବା କଣ୍ଟ୍ରୋଲ୍ ରୁମ୍ ଇଞ୍ଜିନିଅର ହେଉ କିମ୍ବା ଆପାତକାଳୀନ ସେବା ପାଇଁ ପ୍ରସ୍ତୁତ ଦଳ ହୁଅନ୍ତୁ ପ୍ରତ୍ୟେକ କର୍ମଚାରୀ ଏଭଳି ସମୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛନ୍ତି। ପ୍ରତ୍ୟେକ ଆଲୋକିତ ଘର ସେମାନଙ୍କ ନିଷ୍ଠା ଓ ପରିଶ୍ରମର ପ୍ରମାଣ ଅଟେ। ଏହି ଉତ୍ସବ ଋତୁରେ, ଯେତେବେଳେ ଓଡିଶା ଆଲୋକର ଉତ୍ସବ ପାଳନ କରୁଛି, ଆସନ୍ତୁ ସେମାନଙ୍କୁ ଧନ୍ୟବାଦ ଜଣେଇବା, ଯେଉଁମାନେ ଏହାକୁ ସମ୍ଭବ କରିଛନ୍ତି। ସେଇ ଶକ୍ତିଶାଳୀ ଦଳ ମାନେ କେବଳ ଘରକୁ ନୁହେଁ, ହୃଦୟକୁ ମଧ ଆଲୋକିତ କରୁଛନ୍ତି।

# ପରିବେଶ ସୁରକ୍ଷାରେ ଆଦିତ୍ୟ ଆଲୁମିନିୟମର ପ୍ରୟାସ

**ନୂଆଦିଲ୍ଲୀ,୧୮।୧୦:** ଆଦିତ୍ୟ ଆଲୁମିନିୟମ୍ ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ଼ର ସହଯୋଗୀ ୟୁନିଟ୍ ପକ୍ଷରୁ ନିଜର ସସ୍ଥାୟୀତା ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ ଖୁଣ୍ଟ ହାସଲ କରିଛି। ଏହି ୟୁନିଟ୍ ୨୦୦ କେଏଲଡି କ୍ଷମତା ସମ୍ପନ୍ନ ଜିରୋ ଲିକ୍ୟୁଡ ଡିସଚାର୍ଜ ପ୍ଲାଣ୍ଟକୁ ସଫଳତାର ସହିତ ଶୁଭାରମ୍ଭ ହୋଇଛି। ଏହାଦ୍ୱାରା ଆଧୁନିକ ଯାନ୍ତ୍ରିକ ବାଷ୍ପ ପୁନଃଚପ (ମେକାନିକାଲ ଭେପର୍ ରିକମ୍ପ୍ରେଶନ) ବା (ଏମଭିଆର୍) ପ୍ରଯୁକ୍ତି ବ୍ୟବହୃତ ହୋଇଛି। ଯଦ୍ୱାରା ଶିଳ୍ପାନୁଷ୍ଠାନରୁ ନିର୍ଗତ ବର୍ଜ୍ୟବସ୍ତୁ ଓ ଦୂଷିତ ଜଳକୁ ପୁନଃ ବ୍ୟବହାର ଯୋଗ୍ୟ କରି ଏହାର ସଠିକ୍ ପରିଚାଳନା ଓ ପରିବେଶ ସୁରକ୍ଷା ଦିଗରେ ଏକ ନୂଆ ମାନଦଣ୍ଡ ସୃଷ୍ଟି କରିବ। ଶୁଭାରମ୍ଭ ଅବସରରେ ମୁଖ୍ୟ ଅତିଥି ଭାବେ ଶ୍ରୀମତି ଉମା ନନ୍ଦୁରୀ, ଆଇଏଫ୍‌ଏସ୍, ପିସିସିଏଫ୍ (କେନ୍ଦୁଲିଭସ୍), ଓଡିଶା ଓ ସଦସ୍ୟ ସଚିବ, ଓ ଏସପିସିବି; ସୁଦର୍ଶନ ବେହେରା, ଆଇଏଫ୍‌ଏସ୍, କନଜରଭେଟର ଅଫ ଫରେଷ୍ଟ, ସମ୍ବଲପୁର କେନ୍ଦୁଲିଭ ସର୍କଲ; ଡା. ଏସ.ଏନ.ନନ୍ଦା, ଆଞ୍ଚଳିକ ଅଧିକାରୀ, ଏସପିସିବି; ଓ ଇଂ. ହିରଣ୍ୟ କୁମାର ନାୟକ, ଆଞ୍ଚଳିକ ଅଧିକାରୀ, ଝାରସୁଗୁଡା, ସମେତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ଅଧିକାରୀ ଓ ଆଦିତ୍ୟ ଆଲୁମିନିୟମ୍ ପରିଚାଳନା ଦଳର ଜେ.ପି. ନାୟକ (ୟୁନିଟ୍ ମୁଖ୍ୟ), ଗୁଲସନ ତିୱାରୀ (ସିପିପି ମୁଖ୍ୟ), ସନ୍ଦୀପ ସିଂହ (ସ୍ମେଲ୍ଟର ମୁଖ୍ୟ), ବିନୋଦ ଠାକୁର (ମାନବ ସମ୍ବଳ ମୁଖ୍ୟ), ରଞ୍ଜନ ଜେନା (କ୍ଲଷ୍ଟର ପରିବେଶ ବିଭାଗ ମୁଖ୍ୟ) ଓ ଲଳିତ ଚରଣ (ପରିବେଶ ବିଭାଗ ଡିଏଚ) ପ୍ରମୁଖ ଉପସ୍ଥିତ ଥିଲେ।

# ସାମସଙ୍ଗ ୱିଣ୍ଡଫ୍ରିଟିଏମ ସ୍ମାର୍ଟର ଶୁଭାରମ୍ଭ

**ନୂଆଦିଲ୍ଲୀ,୧୮।୧୦:** ସାମସଙ୍ଗ, ଯାହାକି ଭାରତର ଏକ ବୃହତ୍ ଗ୍ରାହକ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ ଆଜି ଏହାର ଅଧୁନତମ ମେଡ଼ ଇନ ଇଣ୍ଡିଆ ସ୍ମାର୍ଟ ୱିଣ୍ଡଫ୍ରିଟିଏମ କ୍ୟାସେଟ ଏୟାର କଣ୍ଡିସନ ଶୁଭାରମ୍ଭର ଘୋଷଣା କରିଛି। ଏହି ନୂତନ ବ୍ୟବସ୍ଥିତତାର ଏକତ୍ରିକରଣ ବୁଦ୍ଧିମତାର ସଂଯୋଗୀକରଣ, ଇକୋ-ସଚେତନକାରୀ ଡ଼ିଜାଇନ ଏବଂ ପ୍ରିମିୟମ ଆରାମଦାୟକତାକୁ ନେଇ ବାଣିଜ୍ୟିକ ତଥା ଘରୋଇ ଶୀତଳିକରଣ ସମାଧାନ ଗୁଡ଼ିକର ଭବିଷ୍ୟତରେ ଏହା ଏକ ଉନ୍ନତ ରୂପରେଖ ପ୍ରଦାନ କରିବ। ସ୍ମାର୍ଟ ନିୟନ୍ତ୍ରଣକାରୀତା ପ୍ରଦାନକାରୀତା ନିମନ୍ତେ ପ୍ରସ୍ତୁତ, ଦକ୍ଷ ଜ୍ଞାନକୁଶଳ ଏବଂ ବର୍ଦ୍ଧିତ ଅନୁକୁଳତମତାକୁ ନେଇ ଏହି ନୂତନ ସମ୍ଭାର ନିଜସ୍ୱ ୱାଇଫାଇ ଦ୍ୱାରା ସ୍ମାର୍ଟଥିଙ୍ଗ ସମନ୍ୱିତକାରୀତାକୁ ନେଇ ସଜ୍ଜିତ ହୋଇଥିବା ବେଳେ ଏହା ସାମସଙ୍ଗର ଏକ ବିରଳ ୱିଣ୍ଡଫ୍ରିଟିଏମ ଶୀତଳୀକରଣ ଜ୍ଞାନକୌଶଳର ରୂପରେଖ ଅଟେ ଯାହାକି ସମଗ୍ର ଭାରତରେ ସ୍ଥିର ଭାବରେ ଆରାମଦାୟକତା ପ୍ରଦାନ କରିଥାଏ ଯାହାକି କୌଣସି ଶୀତଳୀକରଣର ବାଧାକୁ ଖାତିର ନ କରି ସହଜ ଏବଂ ସେହି ଆରାମଦାୟକତାର ଅଭିଜ୍ଞତା ଆଣି ଦେଇଥାଏ। ଆରଓ୨ ରେଫ୍ରିଜିରେଂଟ ଇକୋ-ଫ୍ରେଣ୍ଡଲି ବ୍ୟବହାର ସହିତ ପୁନର୍ବାର ସାମସଙ୍ଗର ଚଳନୀୟତାର ବଚନବଦ୍ଧତାକୁ ଏହା ପୁଣି ଥରେ ସମ୍ମାନ ତଥା ମୂଲ୍ୟ ପ୍ରଦାନ କରିପାରିଛି।

# ସମ୍ବଲପୁରରେ ଆରସିଏମର 'ରୂପାନ୍ତରଣ ଯାତ୍ରା'

**ସମ୍ବଲପୁର, ୧୮।୧୦:** ଆରସିଏମର ଦେଶବ୍ୟାପୀ 'ରୂପାନ୍ତରଣ ଯାତ୍ରା' ଓଡ଼ିଶାର ସମ୍ବଲପୁରରେ ସଫଳ ଭାବରେ ସମ୍ପାପ୍ତ ହେଲା, ଯାହାରେ ସ୍ଥାନୀୟ ଲୋକମାନେ ଓ ଜଣାଶୁଣା କ୍ରୟତାମାନେ ଉତ୍ସାହିତ ଭାଗ ନେଇଥିଲେ। ସାମ୍ପ୍ରତିକ ବୃଦ୍ଧି ପାଇଁ ନିଜର ଦୃଷ୍ଟିକୋଣର ଅଂଶ ଭାବରେ, ଆରସିଏମ୍ ସମ୍ବଲପୁର ଓ ଓଡ଼ିଶାର ବିଭିନ୍ନ ସମୁଦାୟର ଲୋକମାନଙ୍କୁ ସଶକ୍ତ କରିବାରେ ଗଭୀର ଭାବରେ କେନ୍ଦ୍ରିତ ଅଛି। ସମସ୍ତ ବୟସ୍କ ଓ ପୃଷ୍ଠଭୂମିରୁ ଆସୁଥିବା ନାରୀ, ଯୁବଶକ୍ତି ଏବଂ ଉଦ୍ୟୋଗପତି ହେବାକୁ ଚାହୁଁଥିବା ଲୋକମାନଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି କରି, ଆରସିଏମ୍ ଜୀବିକାକୁ ସୁଦୃଢ଼ କରିବା ଓ ବୃଦ୍ଧିର ଲାଭ ସମସ୍ତଙ୍କୁ ମିଳିବାକୁ ନିଶ୍ଚିତ କରିବାକୁ ଚେଷ୍ଟା କରୁଛି। ଆରସିଏମର ୨୫ତମ ବାର୍ଷିକୀ ଉତ୍ସବର ଅଂଶ ଭାବରେ ଆୟୋଜିତ 'ଯାତ୍ରା' ଏକ ୧୦୦ ଦିନର ଦୀର୍ଘ ଯାତ୍ରା, ଯାହା ୧୭,୦୦୦ କି.ମି., ୭୫ଟି ସହର ଓ ୨୫ଟି ପ୍ରମୁଖ କାର୍ଯ୍ୟକ୍ରମକୁ ଆବୃତ କରିଛି। ସମ୍ବଲପୁରର ଲୋକେ ବିପୁଳ ଉତ୍ସାହ ଓ ଶ୍ରଦ୍ଧା ସହିତ ଯାତ୍ରାକୁ ସ୍ୱାଗତ କରିଥିଲେ, ଯାହାରେ ଶତାଧିକ ଲୋକ ଏହି ବିଶାଳ ଉତ୍ସବରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମର ଆରମ୍ଭ ହେଲା ଆରସିଏମ୍ ପ୍ରଣୀତ ସହ, ଯାହା ଆରସିଏମର ମୂଳ ମୂଲ୍ୟବୋଧ ଓ ଲକ୍ଷ୍ୟକୁ ବ୍ୟକ୍ତ କରିଥିଲା। ଏହା ପରେ ଶାରୀରିକ ସୁସ୍ଥତାକୁ ପ୍ରୋତ୍ସାହନ ଦେବା ପାଇଁ ଏକ ଯୋଗ ସେସନ୍ ଆୟୋଜିତ ହୋଇଥିଲା। ସ୍ୱାସ୍ଥ୍ୟ କ୍ରାନ୍ତି ଓ ଆରସିଏମ୍ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ସ୍ୱାସ୍ଥ୍ୟସମ୍ପର୍କୀୟ ପଦକ୍ଷେପଗୁଡିକୁ ମଧ ପରିଚୟ କରାଯିବ। ଉପସ୍ଥିତ ଲୋକମାନେ ସେବା କାର୍ଯ୍ୟକଳାପରେ ସହଭାଗି ହୋଇଥିଲେ।

# ବ୍ରହ୍ମପୁରରେ ବିଗବାସ୍କେଟ୍ ଡେଲିଭରି ସେବା

**ବ୍ରହ୍ମପୁର,୧୮।୧୦:** ଏକ ଟାଟା ଏଣ୍ଟରପ୍ରାଇଜ ବିଗବାସ୍କେଟ୍, ବ୍ରହ୍ମପୁରରେ ଏହାର ଦ୍ରୁତ ଡେଲିଭରି ସେବା ଆରମ୍ଭ କରିଛି, ଯାହା ସହରର ସପିଂ ଅଭିଜ୍ଞତାରେ ଏକ ଗୁରୁତ୍ୱପୂର୍ଣ୍ଣ ଉନ୍ନତି। ବିଗବାସ୍କେଟ୍ ବ୍ରହ୍ମପୁର ବାସିନ୍ଦାଙ୍କୁ ୧୦,୦୦୦ରୁ ଅଧିକ ଉତ୍ପାଦର ବିବିଧ ଚୟନ ପ୍ରଦାନ କରେ, ଯେଉଁଥିରେ ତାଜା ଉତ୍ପାଦ, ଇଲେକ୍ଟ୍ରୋନିକ୍ସ ଏବଂ ବ୍ୟକ୍ତିଗତ ଯତ୍ନ ଆବଶ୍ୟକୀୟ ସାମଗ୍ରୀ ଅନ୍ତର୍ଭୁକ୍ତ, ଯାହା ସମସ୍ତ ପ୍ରଭାବଶାଳୀ ୧୦ ମିନିଟ ମଧ୍ୟରେ ବିତରଣ କରାଯାଏ। ଏହି ସେବା ସୁବିଧାକୁ ପୁନଃପରିଭାଷିତ କରିବା ପାଇଁ ଡିଜାଇନ୍ କରାଯାଇଛି, ଯାହା ଗ୍ରାହକ ମାନଙ୍କୁ ଅଭୂତପୂର୍ବ ଗତିରେ ସେମାନଙ୍କ ଘରୁ କିଣାକିଣି କରିବାକୁ ସକ୍ଷମ କରିଥାଏ। ବ୍ରହ୍ମପୁର ଏକ ଦ୍ରୁତଗତିର ସହରୀ ହବରେ ପରିଣତ ହେବା ସହିତ, ଏହାର ବାସିନ୍ଦାମାନେ ଅଧିକ ସ୍ମାର୍ଟ ଏବଂ ଅଧିକ ଦକ୍ଷ ସପିଂ ସମାଧାନ ଖୋଜୁଛନ୍ତି। ଦ୍ରୁତ, ସୁବିଧା ଏବଂ ନିର୍ଭରଯୋଗ୍ୟତା ପାଇଁ ସହରର ବର୍ଦ୍ଧିତ କ୍ଷୁଧା ଏହାକୁ ବିଗବାସ୍କେଟର ୧୦- ମିନିଟ ଡେଲିଭରି ସେବା ପାଇଁ ଏକ ଆଦର୍ଶ ଲଞ୍ଚପ୍ୟାଡ୍ କରିଥାଏ। ଜୀବନଶୈଳୀ ବ୍ୟସ୍ତବହୁଳ ହେବା ଏବଂ ଡିଜିଟାଲ୍ ଗ୍ରହଣ ବୃଦ୍ଧି ପାଇବା ସହିତ, ଏହି ସମୟୋଚିତ ଲଞ୍ଚ ବ୍ରହ୍ମପୁରର ପରିବର୍ତ୍ତିତ ଗ୍ରାହକ ଅଭ୍ୟାସ ଏବଂ ବୃଦ୍ଧି ପାଉଥିବା ଆଶା ସହିତ ସମ୍ପୂର୍ଣ୍ଣ ଭାବରେ ସମନ୍ୱିତ ହୁଏ।

# କେନ୍ଦ୍ରାପଡାରେ ନିଜର ଉପସ୍ଥିତି ସୁଦୃଢ କଲା ପିଏନ୍‌ବି

**କେନ୍ଦ୍ରାପଡା,୧୮।୧୦:** ଭାରତର ଅଗ୍ରଣୀ ଜୀବନ ବୀମାକାରୀ ପିଏନ୍‌ବି ମେଟ୍‌ଲାଇଫ ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ (ପିଏନ୍‌ବି ମେଟ୍‌ଲାଇଫ) କେନ୍ଦ୍ରାପଡା ରେ ଏକ ନୂଆ ଶାଖା ଉଦ୍‌ଘାଟନ ସମ୍ପର୍କରେ ଘୋଷଣା କରିଛି। ଏହି ସମ୍ପ୍ରସାରଣ ସହିତ କମ୍ପାନୀର ସମ୍ପ୍ରତି ଓଡ଼ିଶାରେ ମୋଟ ଶାଖା ସଂଖ୍ୟା ୧୦ରେ ପହଞ୍ଚିଛି। ଏହି ଶାଖା ଉଦ୍‌ଘାଟନ ପଲିସୀ ସେବାଗୁଡିକ ଏବଂ ବିଶ୍ୱସନୀୟ ପରାମର୍ଶ ଗ୍ରାହକ ଯେଉଁଠାରେ ଥିଲେ ମଧ୍ୟ ସେମାନଙ୍କ ନିକଟରେ ପହଞ୍ଚାଇ ବୀମାକୁ ଅଧିକ ସୁଲଭ୍ୟ କରାଇବା ନିମନ୍ତେ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ସମୀର ବନ୍‌ସଲ, ଏମ୍‌ଡି ଓ ସିଇଓ, ପିଏନ୍‌ବି ମେଟ୍‌ଲାଇଫ କହିଥିଲେ, "ବିଶ୍ୱାସ ସର୍ବଦା ପିଏନ୍‌ବି ମେଟ୍‌ଲାଇଫର ଗ୍ରାହକଙ୍କ ସହିତ ସମ୍ପର୍କର ମୂଳଦୁଆ ହୋଇ ରହିଆସିଛି। ସମ୍ପ୍ରତି ସମଗ୍ର ଭାରତରେ ୧୭୨ଟି ଶାଖା ସହିତ ଆମେ କେବଳ ଆମର ପହଞ୍ଚକୁ ପରିବ୍ୟାପ୍ତ କରୁନାହୁଁ, ବରଂ ତାହାସହିତ ଗ୍ରାହକମାନେ ପ୍ରତ୍ୟେକ ସୋପାନରେ ଆମ ଉପରେ ନିର୍ଭର କରିପାରିବେ, ସେହି ଭରସାକୁ ମଧ୍ୟ ସୁଦୃଢ କରୁଛୁ। ସେମାନେ ଯେଉଁଠାରେ ଆମକୁ ସର୍ବାଧିକ ଆବଶ୍ୟକ କରୁଛନ୍ତି ସେଠାରେ ପହଞ୍ଚିବା ଉପରେ ଆମର ଦୃଷ୍ଟିନିବଦ୍ଧ ରହିଛି ଏବଂ ସୁରକ୍ଷାକୁ ଅଧିକ ନିକଟତର କରିବା, ଏହାକୁ ସରଳ କରିବା ତଥା ସେମାନଙ୍କୁ ସେମାନଙ୍କର ଆର୍ଥିକ ଭବିଷ୍ୟତ ପୂର୍ଣ୍ଣ ଆତ୍ମବିଶ୍ୱାସର ସହିତ ଯୋଜନା କରିବାରେ ସହାୟତା କରୁଛୁ।" ଏହାର ନିଜସ୍ୱ ୧୭୨ଟି ଶାଖା ସହିତ କମ୍ପାନୀ ଗ୍ରାହକଙ୍କ ନିକଟରେ ୨୦,୦୦୦ରୁ ଅଧିକ ବ୍ୟାଙ୍କଆସ୍ୟୁରାନ୍ସ ସହଯୋଗୀ ସ୍ଥଳଗୁଡିକ ଜରିଆରେ ପହଞ୍ଚି ଏହାର ସୁରକ୍ଷା ଏବଂ ସଞ୍ଚୟକାରୀ ସମାଧାନଗୁଡିକର ବ୍ୟାପକ ଏବଂ ଭରସାଯୋଗ୍ୟ ସୁଯୋଗ ନେବା ବ୍ୟବସ୍ଥାକୁ ସୁନିଶ୍ଚିତ କରୁଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ